**ପରିତ୍ୟକ୍ତ କୁଅରୁ ଯୁବକଙ୍କ ମୃତଦେହ ଜବତ**

କାମାକ୍ଷାନଗର,(ସୁଧୀର କୁମାର ପରିଡ଼ା): ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ତୁମୁସିଙ୍ଗା ଥାନା ଗୋଦରବିଲି ଗ୍ରାମର ବାସୁନାଳିଠାରେ ଥିବା ପରିତ୍ୟକ୍ତ କୁଅରୁ ଗ୍ରାମର ବିକ୍ରମ ମଲ୍ଲିକ (୨୬)ଙ୍କ ମୃତଦେହ ଜବତ କରାଯାଇଛି। ସେ ସାମାନ୍ୟ ସାନସିକ ବିକାର ଗସ୍ତ ଥିବାବେଳେ ସୋମବାର ଠାରୁ ନିଖୋଜ ଥିଲେ। କୂଅରେ ପଡ଼ିଥିବା ଜାଣିବା ପରେ କାମାକ୍ଷାନଗର ଅଗ୍ନିଶମ ବାହିନୀ ଯାଇ ମୃତଦେହ ଉଦ୍ଧାର କରିବା ପରେ ପୋଲିସ ଜବତ କରି ତଦନ୍ତ କରୁଛି।

# ମାଟିହାଣ୍ଡି ଦହି ପଖାଳ ଭକ୍ତଙ୍କ ପସନ୍ଦ

## ଶ୍ରୀଶ୍ରୀ ଦୁର୍ଗାଶଙ୍କର ପୂଜା ସମିତି



ଶ୍ରୀଶ୍ରୀ ଦୁର୍ଗାଶଙ୍କର ପୂଜା ସମିତ ପକ୍ଷରୁ ନିର୍ମାଣ ହେଉଥିବା ତୋରଣ।

ଅନୁଗୋଳ,୩।୧୦(ମାନସ ବିଶ୍ୱାଳ)

ପର୍ବଣ ରତ୍ତୁର ମହାପର୍ବ ଦୁର୍ଗା ପୂଜାର ନବରାତ୍ର ପୂଜା ଗୁରୁବାର ଠାରୁ ଆରମ୍ଭ ହୋଇଛି। ତେଣୁ ଶାରଦୀୟ ଦୁର୍ଗାପୂଜା ପାଇଁ ସଜବାଜରେ ଲାଗି ପଡିଛନ୍ତି ବିଭିନ୍ନ ପୂଜା କମିଟି କର୍ମକର୍ତ୍ତା। ଅନୁଗୋଳ ସହରରେ ଚଳିତବର୍ଷ ୧୧ଟି ସ୍ଥାନରେ ଦୁର୍ଗାପୂଜାର ଆୟୋଜନ କରାଯାଇଛି। ସେଥିମଧ୍ୟରୁ ଶ୍ରୀଶ୍ରୀ ଦୁର୍ଗାଶଙ୍କର ପୂଜା ସମିତି ୮୮ ବର୍ଷର ଉତ୍ସବ ପାଳନ ପାଇଁ ପ୍ରସ୍ତୁତ ହେଉଛି। ଏଥର ସମିତି ପକ୍ଷରୁ ୨୫ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ବେଳେ ଆକର୍ଷଣୀୟ ମୂର୍ତ୍ତି ଓ ତୋରଣ ନିର୍ମାଣ ଚାଲିଛି। ପୂଜା, ମହାଯଜ୍ଞ, ଭସାଣି କାର୍ଯ୍ୟକ୍ରମ ଧୁମ୍‌ଧାମରେ ପାଳନ ହେବାକୁ ଥିବାବେଳେ ଦଶମୀ ଦିନ ମା'ଙ୍କ ପାଖରେ ଲାଗି ହେଉଥିବା ମାଟିହାଣ୍ଡି ଦହି ପଖାଳକୁ ବେଶ୍ ପ୍ରସନ୍ଦ କରନ୍ତି ଭକ୍ତ।

ଅନୁଗୋଳ ସହର ସୁନାଶଗଡ଼ ପର୍ବତରେ ପୂଜା ପାଉଛନ୍ତି ଇଷ୍ଟ ଦେବୀ ମା' ବୁଢୀ ଠାକୁରାଣୀ। ନିକଟରେ ରହିଛି ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର। ଏହାର ପାଖ ପଡ଼ିଆରେ ଦୀର୍ଘ ୮୮ ବର୍ଷଧରି ଦେବୀ ଶକ୍ତି ମା' ଦୁର୍ଗାଙ୍କ ପୂଜା ପାଳନ କରାଯାଇ ଆସୁଛି। ଏହି ସମୟରେ ଶଙ୍କରଙ୍କ ପୂଜା ମଧ୍ୟ କରାଯାଏ। ଶ୍ରୀଶ୍ରୀ ଦୁର୍ଗାଶଙ୍କର ପୂଜା ସମିତି ପକ୍ଷରୁ ପ୍ରତିବର୍ଷ ପାଳନ ହେଉଥିବା ମା' ଦୁର୍ଗାଙ୍କ ପୂଜାରେ ସହରର ବହୁ ଲୋକଙ୍କ ସମାଗମ ହୋଇଥାଏ। ୮୮ ବର୍ଷ ପୂର୍ବରୁ ସହରର ବିଶିଷ୍ଟ ବ୍ୟକ୍ତି ଗଗନ ବିହାରୀ ଦାସ, ପୂର୍ଣ୍ଣାନନ୍ଦ ସାହୁ, ବେଣୁଧର ଦାସ, ପୂର୍ଣ୍ଣମଲ୍ଲ ଅଗ୍ରୱାଲ ପ୍ରମୁଖ ସହରସ୍ଥିତ ଏହି ପଡିଆରେ ବଙ୍ଗୀୟ ରୀତିନୀତିରେ ମା' ଦୁର୍ଗାଙ୍କ ପୂଜା ଆରମ୍ଭ କରିଥିଲେ। ସେବେଠାରୁ ଏଠାରେ ଧୁମ୍‌ଧାମ୍‌ରେ ଦୁର୍ଗାପୂଜା ପାଳନ ହୋଇଆସୁଛି। ପୂଜା କମିଟି ସଦସ୍ୟଙ୍କ ସଂଖ୍ୟା ୧୧୩ରେ ପହଞ୍ଚିଥିବାବେଳେ ବ୍ୟୟ ଅଟକଳ ମଧ୍ୟ ବଢି ବଢି ଚଳିତବର୍ଷ ୨୫ ଲକ୍ଷରେ ପହଞ୍ଚିଛି। ପୂଜା ପଡ଼ିଆରେ ଥିବା ଯଜ୍ଞ ମଣ୍ଡପରେ ସପ୍ତମୀରୁ ଦଶମୀ ପର୍ଯ୍ୟନ୍ତ ବିଶ୍ୱଶାନ୍ତି ମହାଯଜ୍ଞ କରାଯାଇଥାଏ। ଅତ୍ୟାଧୁନିକ ଆଲୋକ ସହ ସୁନ୍ଦର ତୋରଣ ଏହି ପୂଜା ମଣ୍ଡପକୁ ଆକର୍ଷଣୀୟ କରିଥାଏ। ବିଭିନ୍ନ ପ୍ରକାରର ଦୋଳି ଓ ମିନାବଜାର ଯୋଗୁ ଦୈନିକ ଏଠାରେ ସହସ୍ରାଧିକ ଲୋକଙ୍କ ଭିଡ଼ ଲାଗେ। ଷଷ୍ଠୀ ଠାରୁ ଦଶମୀ ପର୍ଯ୍ୟନ୍ତ ପ୍ରତିଦିନ ୪ ହଜାର ଭକ୍ତଙ୍କ ପାଇଁ ସମିତି ପକ୍ଷରୁ ପ୍ରସାଦ ବ୍ୟବସ୍ଥା କରାଯାଏ। ତେବେ ଦଶହରା ଦିନ ମା'ଙ୍କ ନିକଟରେ ଲାଗି ହେଉଥିବା ମାଟିହାଣ୍ଡି ଦହି ପଖାଳ ସମସ୍ତଙ୍କୁ ବେଶ୍ ପସନ୍ଦ ଆସିଥାଏ। ହାତରେ ଆଉ ମାତ୍ର କେଇଟା ଦିନ ଥିବାରୁ ସମିତି ସଭାପତି ସୁନୀଲ କୁମାର ସାହୁ , ଉପସଭାପତି ଅଶୋକ କୁମାର ସାହୁ, ସମ୍ପାଦକ ପୀୟୂଷକାନ୍ତି ମହୁରି, ସହସମ୍ପାଦକ ଗଣେଶ କୁମାର ସାହୁ, କୋଷାଧ୍ୟକ୍ଷ ସୁବ୍ରତ କୁମାର ନନ୍ଦ, ସଦସ୍ୟ ଅବିନାଶ ପରିଡା, ବିବେକ ମଣିଶଙ୍କର, ନିର୍ମଳ ବିଷୋଇ, ଅଜୟ ସାହୁ, ଗୌତମ ବିଭୁପ୍ରସାଦ ସାହୁ ପ୍ରମୁଖ ଆୟୋଜନରେ ଲାଗି ପଡ଼ିଛନ୍ତି। ସମିତି ସଭାପତି ସାହୁ କହିଛନ୍ତି, ଅନୁଗୋଳ ସହର ଅମଲାପଡ଼ାରେ ପ୍ରଥମେ ଦୁର୍ଗା ପୂଜା ଆରମ୍ଭ ହୋଇଥିଲା। ବଶିଷ୍ଟ ବ୍ୟକ୍ତିମାନେ ଏଠାରେ ପୂଜା ଆରମ୍ଭ କରିଥିଲେ। ଭାଇଚାରା ମଧ୍ୟରେ ପୂଜା ପାଳନ କରୁଥିବା ଏହି କମିଟିରେ ହିନ୍ଦୁ, ମୁସଲିମ ଭାଇମାନେ ସଦସ୍ୟ ରହିଛନ୍ତି। ଉପସଭାପତି ଅଶୋକ କୁମାର ସାହୁ କହିଛନ୍ତି, ଏଠାରେ ବଙ୍ଗୀୟ ରୀତିନୀତିରେ ଦୁର୍ଗା ପୂଜା ପାଳନ କରାଯାଏ। ସହରର ମଧ୍ୟଭାଗରେ ହୋଇଥିବାରୁ ଭକ୍ତମାନେ ଉତ୍ସାହର ସହିତ ପୂଜାରେ ସାମିଲ ହୋଇଥାନ୍ତି।

### ୧୧ ଦିନ ହେବ କୋଠଘରେ ପାଠପଢ଼ା

## ରାସ୍ତାରୋକୋ କରିବାକୁ ଗ୍ରାମବାସୀଙ୍କ ଚେତାବନୀ

ବଇଣ୍ଡା,୩।୧୦ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କୃତ୍ତିବାସପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଥିବା ଜଣେ ଶିକ୍ଷକଙ୍କ ବଦଳି ଦାବି କରି ୧୧ ଦିନ ହେଲା ଗ୍ରାମବାସୀ ପିଲାମାନଙ୍କୁ ସ୍କୁଲ ଛାଡୁନାହାନ୍ତି। ଫଳରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଗ୍ରାମ କୋଠଘରେ ପାଠ ପଢୁଛନ୍ତି। ଶିକ୍ଷା ବିଭାଗ ଅଧିକାରୀ ଗ୍ରାମବାସୀଙ୍କ ଦାବି ପୂରଣ କରୁ ନ ଥିବା ଯୋଗୁ ଆଗାମୀ ଦିନରେ ଏକ ବଡ଼ଧରଣର ଆନ୍ଦୋଳନ ସହ ବଇଣ୍ଡା-ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତାକୁ ନାକିଚି ଛକ ଠାରେ ଅବରୋଧ କରାଯିବ। ଏ ନେଇ ଗୁରୁବାର ଗ୍ରାମରେ ବସିଥିବା ଏକ ବୈଠକରେ ନିଷ୍ପତ୍ତି ନିଆଯାଇଛି ବୋଲି ଗ୍ରାମ ସଭାପତି ଅନାଦି ଚରଣ ସାହୁ କହିଛନ୍ତି। ଆଠମଲ୍ଲିକ ବିଇଓ ଦାଶରଥି ଶୁଣ୍ଢୀ କହିଛନ୍ତି, ଉକ୍ତ ବିଦ୍ୟାଳୟ ସମ୍ପର୍କରେ ତଦନ୍ତ କରିବା ପରେ ଜିଲା ଶିକ୍ଷା ଅଧିକାରୀଙ୍କ ଠାରେ ଅଭିଯୋଗ ପତ୍ର ଦାଖଲ କରିଛି। ଏଥିସହ ଜିଲାପାଳଙ୍କୁ ମଧ୍ୟ ଅବଗତ କରାଯାଇଛି, ଯାହା ନିର୍ଦ୍ଦେଶ ଆସିବ ତାହା ପାଳନ କରାଯିବ।

# ନବରାତ୍ର ପୂଜା ଆରମ୍ଭ

## ମା' ବାଟମଙ୍ଗଳା ମନ୍ଦିରରେ ପ୍ରଥମବର୍ଷ



ଢେଙ୍କାନାଳ,୩।୧୦(ରତନ ନାୟାର)

ଢେଙ୍କାନାଳ ସହର ବାଜିଚୌକସ୍ଥିତ ମା' ବାଟମଙ୍ଗଳାଙ୍କ ମନ୍ଦିରରେ ଗୁରୁବାର ପ୍ରଥମବର୍ଷ ନବରାତ୍ର ପୂଜା ଅନୁଷ୍ଠିତ ହୋଇଛି । ସକାଳୁ କଳସ ଯାତ୍ରା ଓ ସନ୍ଧ୍ୟାରେ ଅଧିବାସ ପୂଜା ଆରମ୍ଭ ହୋଇଥିଲା । ପ୍ରତ୍ୟେକ ଦିନ ସୂର୍ଯ୍ୟପୂଜା, ଗୋପୂଜା, ସପ୍ତଚଣ୍ଡୀ ପାଠ, ଶୋଡଷ ଉପଚାର ପୂଜା ଓ ବିଭିନ୍ନ ଭୋଗ ଲାଗି ହେଉଛି । ୧୨ ତାରିଖରେ ପୂର୍ଣ୍ଣାହୂତି ହେବ । ପୂଜକ ବିଷ୍ଣୁଚରଣ ଆଚାର୍ଯ୍ୟ, କର୍ତ୍ତା ମେଘନାଦ ସାହୁ, ଭାସ୍କରଚନ୍ଦ୍ର ସାହୁ, ସଂଗ୍ରାମ ସିଂହ, ଜିତେନ୍ଦ୍ର କୁମାର ବେହେରା, ଶ୍ରୀକାନ୍ତ ରଣା, ସତ୍ୟଜିତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ଗାନ୍ଧୀମନ୍ଦିର ରୋଡସ୍ଥିତ ମା' ତାରିଣୀଙ୍କ ମନ୍ଦିର



ଢେଙ୍କାନାଳ ଗାନ୍ଧୀମନ୍ଦିର ରୋଡସ୍ଥିତ ମା' ତାରିଣୀଙ୍କ ମନ୍ଦିରରେ ଗୁରୁବାରଠାରୁ ନବରାତ୍ର ପୂଜା ଆରମ୍ଭ ହେଉଛି । ଏହି ଉପଲକ୍ଷେ ସକାଳୁ ମଙ୍ଗଳା ଆଳତୀ, ମହାସ୍ନାନ, ଫୁଲହାର, ବସ୍ତ୍ର ସମେତ ବିଭିନ୍ନ ପ୍ରକାର ଭୋଗଲାଗି କରାଯାଇଥିଲା। ମଧ୍ୟାହ୍ନରେ ମା' ତାରିଣୀଙ୍କର ଶୈଳପୁତ୍ରୀ ବେଶ କରାଯାଇଥିଲା ।

## ରାଧାକୃଷ୍ଣ ବଜାର ମା' ଦୁର୍ଗାଙ୍କ ମନ୍ଦିର



ଢେଙ୍କାନାଳ ସହରସ୍ଥିତ ରାଧାକୃଷ୍ଣ ବଜାରରେ ମା' ଦୁର୍ଗାଙ୍କର ନବରାତ୍ର ପୂଜା ଉତ୍ସବ ଗୁରୁବାରଠାରୁ ଆରମ୍ଭ ହୋଇଛି । ୨ ତାରିଖରେ ବୁଧବାର ବେଳ ଅଧିବାସ ପୂଜା, ଗୁରୁବାର ସ୍ଥାନୀୟ ବଡଯୋରା ଠାରୁ ପୂଜାର୍ଚ୍ଚନା କରାଯାଇ ୫୪ରୁ ଅଧିକ ଶ୍ରଦ୍ଧାଳୁ କଳସ ଯାତ୍ରା କରି ପୂଜା ମଣ୍ଡପକୁ ଆଣିଥିଲେ । ଏହାପରେ ମା'ଙ୍କ ମଣ୍ଡଳପୂଜା, କଳସପୂଜା ଓ ମଧ୍ୟାହ୍ନ ୧୨ଟାରେ ଚକ୍ଷୁଦାନ କରାଯାଇଥିଲା । ପୂଜକ ନରୋତ୍ତମ ଦାସ, ରୁଦ୍ର ନାରାୟଣ କବିଶତପଥୀ, କର୍ତ୍ତା ଗଣେଶ୍ୱର ଓଝା, ସନ୍ଧ୍ୟାରାଣୀ ଓଝା, ସଭାପତି ପ୍ରମୋଦ ଓଝା, ସମ୍ପାଦକ ଗୋବିନ୍ଦ ରାଉତ, ପବିତ୍ର ମହାପାତ୍ର, ସନ୍ତୋଷ ଓଝା, ବନମାଳୀ ଦଳେଇ ଓ ସାଂସ୍କୃତିକ କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

## ମା' କନକଦୁର୍ଗାଙ୍କ ବାଲା ତ୍ରୀପୁରସୁନ୍ଦରୀ ବେଶ



ଢେଙ୍କାନାଳ ଦେଉଳସାହି ଜୁବୁଲି ଟାଉନ ଅଞ୍ଚଳରେ ଥିବା ମା' କନକଦୁର୍ଗାଙ୍କ ମନ୍ଦିରରେ ଗୁରୁବାରଠାରୁ ନବରାତ୍ର ପୂଜା ଆରମ୍ଭ ହୋଇଛି । ଏହି ଉପଲକ୍ଷେ ସକାଳୁ ମଙ୍ଗଳ ଆଳତୀ, ମହାସ୍ନାନ, ଫୁଲହାର ଓ ନୂତନ ବସ୍ତ୍ର ସହ ମା'ଙ୍କ ଠାରେ ବିଭିନ୍ନ ପ୍ରକାର ପଣା, ଭୋଗ ଲାଗି କରାଯାଇଥିଲା । ମଧ୍ୟାହ୍ନରେ ମା'ଙ୍କର ବାଲା ତ୍ରୀପୁରସୁନ୍ଦରୀ ବେଶ ଅନୁଷ୍ଠିତ ହୋଇଥିଲା । ଏଥିସହିତ ମାଙ୍କ ଅଧିବାସ ପୂଜା, ମଣ୍ଡଳ ପୂଜା, ପ୍ରତ୍ୟେକ ଦିନ ସୂର୍ଯ୍ୟପୂଜା, ଗୋ ପୂଜା, ମା'ଙ୍କର ଷୋଳ ଉପଚାର ପୂଜା, ସପ୍ତଚଣ୍ଡୀ ପାଠ, ସପ୍ତଚଣ୍ଡୀ ଆହୂତି, ସନ୍ଧ୍ୟା ଆଳତୀ, ପଣା ଓ ରାତିରେ ବଡସିଂହାର ଭୋଗଲାଗି ହୋଇଥିଲା ।

# ଠାକୁରଗଡ଼ ଭାଜପା ମଣ୍ଡଳ ସଭାପତିଙ୍କ ପରଲୋକ



ବଇଣ୍ଡା,୩।୧୦ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ମଣ୍ଡଳ ଭାଜପା ସଭାପତି ଗଗନ ବାରିକ (୫୮)ଙ୍କ ଗୁରୁବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସେ କିଛି ମାସ ହେବ ଅସୁସ୍ଥ ଥିଲେ। ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ଠାକୁରଗଡ଼ ସହ ୧୦ଟି ପଞ୍ଚାୟତରେ ଭାଜପାର ଟାଣୁଆ ନେତା ଭାବରେ ପରିଚିତ ଥିଲେ। ତାଙ୍କ ପରଲୋକ ଖବର ପ୍ରଚାର ହେବା ପରେ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ପୂର୍ବତନ ବିଧାୟକ ସଞ୍ଜୀବ ସାହୁ, ରମେଶ ଚନ୍ଦ୍ର ସାଏ, ଜିଲା ଉପ ସଭାପତି ଅର୍ଜୁନ ସାହୁ, ପରେଶ ଦେଓ, ରାଜେନ୍ଦ୍ର ସାହୁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

# ସିମିନଇ ଡିଗ୍ରୀ କଲେଜରେ ଏଡ୍‌ସ ସଚେତନତା

ଢେଙ୍କାନାଳ,୩।୧୦(ରତନ ନାୟାର)



ସିମିନଇ କଲେଜରେ ଏଡ୍‌ସ ସଚେତନତା।

ଢେଙ୍କାନାଳ ସିମିନଇ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ ସୁରେନ୍ଦ୍ର କୁମାର ପରିଡାଙ୍କ ସଭାପତିତ୍ୱରେ ଯୁବ ରେଡକ୍ରସ ଓ ଓସାକ୍ସର ମିଳିତ ଆନୁକୂଲ୍ୟରେ ଗୁରୁବାର ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏଡ୍‌ସ ବିଭାଗର ଜିଲା ଆଇସିଟିସି ସୁପରଭାଇଜର ନାରାୟଣ ସେଠି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଏଡ୍‌ସର କାରଣ ଓ ନିରାକରଣ ଉପରେ ବୁଝାଇଥିଲେ। ଯୁବ ରେଡକ୍ରସ କାଉନସେଲର କିର୍ତ୍ତୀ କୌଶିକ ପଣ୍ଡା, କ୍ରୀଡା ଶିକ୍ଷକ ଅନିଲ କୁମାର ପଣ୍ଡା, ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ଶୁଭଶ୍ରୀ ରାଉତ, ଇଂରାଜୀ ଅଧ୍ୟାପିକା ପଲ୍ଲିଶ୍ରୀ ମିଶ୍ରଙ୍କ ସମେତ କଲେଜର କର୍ମଚାରୀମାନେ ସହାୟତା କରିଥିଲେ ।

# ମଧ୍ୟପ୍ରଦେଶ ରାଜ୍ୟପାଳଙ୍କ ଦ୍ୱାରା ଦୀନେଶ ମାଳୀ ସମ୍ମାନିତ


ମଧ୍ୟପ୍ରଦେଶର ଏକ କାର୍ଯ୍ୟକ୍ରମରେ ଅନୁବାଦକ ଦୀନେଶ କୁମାର ମାଳୀଙ୍କୁ ସମ୍ମାନିତ କରାଯାଉଛି।

ପବିତ୍ରନଗର,୩।୧୦(ନିରୋଜ କୁମାର ପ୍ରଧାନ)

ରାଷ୍ଟ୍ରୀୟ ହିନ୍ଦୀ ଭାଷା ପ୍ରସାର ସମିତି ପକ୍ଷରୁ ମଧ୍ୟପ୍ରଦେଶରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ହିନ୍ଦୀ ଭାଷାରେ ଅନୁବାଦ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏମ୍‌ସିଏଲ୍ କଣିହାଁ ପୋଖାରିଆ ଖଦାନର ବରିଷ୍ଠ ପରିଚାଳନା ଅଧିକାରୀ ଦୀନେଶ କୁମାର ମାଳୀଙ୍କୁ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମଧ୍ୟପ୍ରଦେଶର ରାଜ୍ୟପାଳ ମଙ୍ଗୁ ଭାଇ ପଟେଲ ଉପସ୍ଥିତ ରହି ଅନୁବାଦକ ମାଳୀଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ମାଳୀ ଅନେକ ସମୟରେ ବିଭିନ୍ନ ଇଂଲିଶ କାବ୍ୟ କବିତାକୁ ହିନ୍ଦୀ ଭାଷାରେ ଅନୁବାଦ କରିଛନ୍ତି। ପ୍ରଫେସର ଅସୀମ ରଞ୍ଜନ ପାଢୀଙ୍କ ଲିଖିତ କାବ୍ୟ ପିତା ଓ ପୁତ୍ର ଉପରେ ଆଧାରିତ ପୁସ୍ତକର ଅନୁବାଦ ମାଳୀ କରିଥିଲେ। ହିନ୍ଦୀ ଅନୁବାଦ କ୍ଷେତ୍ରରେ ତାଙ୍କର ଉତ୍କୃଷ୍ଟ ଅବଦାନ ପାଇଁ ବିଭିନ୍ନ ସମୟରେ ବହୁ ଅନୁଷ୍ଠାନ ତରଫରୁ ମଧ୍ୟ ସେ ସମ୍ମାନିତ ହୋଇଛନ୍ତି। ମଧ୍ୟପ୍ରଦେଶରେ ସମ୍ମାନିତ ହେବା ପରେ ମାଳୀଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟୁଛି।

# ଫଟୋଗ୍ରାଫିରେ ସତ୍ୟକାମ୍‌ଙ୍କୁ ପ୍ରଥମ ପୁରସ୍କାର

## ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ଉତ୍ସବ

ଢେଙ୍କାନାଳ,୩।୧୦(ରତନ ନାୟାର)


ସତ୍ୟକାମ ପରିଡାଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

ଭୁବନେଶ୍ୱରଠାରେ ଗୁରୁବାର ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ବନ୍ଯପ୍ରାଣୀ ସପ୍ତାହ ପାଳନ ଉତ୍ସବ ଅବସରରେ ରାଜ୍ୟସ୍ତରୀୟ ଫଟୋଗ୍ରାଫି ପ୍ରତିଯୋଗିତାରେ ଢେଙ୍କାନାଳର ଫଟୋଗ୍ରାଫର ସତ୍ୟକାମ ପରିଡା ପ୍ରଥମ ପୁରସ୍କାର ଲାଭ କରିଛନ୍ତି । ସେ ଉତ୍ସବରେ ରାଜ୍ୟ ସରକାରଙ୍କର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆଙ୍କଠାରୁ ପୁରସ୍କୃତ ହୋଇଥିଲେ । ଏହି ଅବସରରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ ଉପସ୍ଥିତ ଥିଲେ। ଢେଙ୍କାନାଳର ସତ୍ୟକାମଙ୍କର ବନ୍ୟପ୍ରାଣୀ ଏବଂ ଜଙ୍ଗଲ ପରିବେଶର ଫଟୋ ଉଠାଇବା ତାଙ୍କର ନିଶା । ଏଥିପାଇଁ ସେ ଜିଲାରେ ମଧ୍ୟ ବହୁବାର ପୁରସ୍କୃତ ହୋଇଛନ୍ତି । ସେ ଢେଙ୍କାନାଳ ଗୁଡିଆନାଳୀ ଅଞ୍ଚଳରେ ଡେଲେନୋ ଷ୍ଟୁଡିଓର ମାଲିକ ।

# ପ୍ରଶାସନଙ୍କୁ ନ୍ୟାୟ ମାଗିଲେ ୨ ଆହତ ଶ୍ରମିକ

## ଦୁଇ ଶ୍ରମିକଙ୍କୁ ଉଲଗ୍ନ କରି ନିସ୍ତୁକ ମାଡ ମାଗଲା

ଢେଙ୍କାନାଳ,୩।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ଥାନା ନିମିଧା ଗ୍ରାମରେ ଥିବା ଜଗନ୍ନାଥ ପାୱାର ପ୍ଲାଣ୍ଟରେ କାର୍ଯ୍ୟରତ ଦୁଇ ଶ୍ରମିକଙ୍କୁ ଗତ ୨୮ ତାରିଖ ଦିନ ବିଳମ୍ବିତ ରାତିରେ କାରଖାନାର ଦୁଇ ସୁରକ୍ଷା କର୍ମଚାରୀ ଓ ଜଣେ ଗାଡ଼ି ଚାଳକ ଚୋରି କରୁଥିବା ସନ୍ଦେହ କରି ଉଲଗ୍ନ କରି ନିସ୍ତୁକ ମାଡ଼ ମାରିଥିଲେ । ଏହି ଘଟଣାରେ ଦୁଇ ଶ୍ରମିକ ମୁନା ନାଏକ ଓ ଜିଲୁ ନାଏକ ଉଭୟେ ଗୁରୁତର ଭାବେ ଆହତ ହୋଇଥିଲେ । ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ଦୁଇ ସୁରକ୍ଷା କର୍ମଚାରୀ ଓ ଜଣେ ଗାଡି ଚାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି । ଏହି ଘଟଣାରେ ନ୍ୟାୟ ପ୍ରଦାନ କରିବା ପାଇଁ ଉଭୟେ ଆହତ ଶ୍ରମିକ ଗୁରୁବାର ଢେଙ୍କାନାଳ ଆସି ଜିଲା କାର୍ଯ୍ୟାଳୟରେ ଜିଲାପାଳଙ୍କୁ ଭେଟି ଜଣାଇଛନ୍ତି । ଏଥିସହିତ ସେମାନଙ୍କୁ କାର୍ଯ୍ୟରୁ ଅନ୍ତର କରା ନଯିବା ପାଇଁ ଅନୁରୋଧ କରିଥିଲେ। ସେମାନଙ୍କର ଦୋଷ ନଥାଇ ମଧ୍ୟ ସେମାନଙ୍କୁ ଚୋର କରି ମାଡ଼ ମରାଗଲା ବୋଲି ଉଭୟେ ଅଭିଯୋଗ କରିଥିଲେ । କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଉଚିତ ଦଣ୍ଡ ବିଧାନ କରିବା ପାଇଁ ଉଭୟେ ଜିଲାପାଳଙ୍କୁ ଲିଖିତ ଭାବରେ ଜଣାଇଛନ୍ତି ।

## ଲାବ୍ ଆସିଷ୍ଟାଣ୍ଟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କାମାକ୍ଷାନଗର, ୩।୧୦(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ମହାବିଦ୍ୟାଳୟର ରସାୟନ ବିଭାଗର ବରିଷ୍ଠ ଲାବ ଆସିଷ୍ଟାଣ୍ଟ ଅଭୟ କୁମାର ଖୁଣ୍ଟିଆଙ୍କୁ ମହାବିଦ୍ୟାଳୟ ତରଫରୁ ବୁଧବାର ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଉପଲକ୍ଷେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ମଙ୍ଗୁଲୁ ନାଏକଙ୍କ ସଭାପତିତ୍ୱରେ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ୧୯୮୫ରୁ ସେ ଲାବ ଆସିଷ୍ଟାଣ୍ଟ ଭାବେ ରସାୟନ ବିଭାଗରେ କାର୍ଯ୍ୟ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ବରିଷ୍ଠ ପ୍ରାଧ୍ୟାପକ ରଞ୍ଜନ କୁମାର ପୃଷ୍ଟି, ଶ୍ରୀକାନ୍ତ କୁମାର ପ୍ରଧାନ, ଜ୍ଞାନରଞ୍ଜନ ମିଶ୍ର, ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ଲିପ୍ସା ପ୍ରଧାନ, ଅଧ୍ୟାପକ ଚିନ୍ମୟ କୁମାର ମିଶ୍ର, ଲାବ ଆସିଷ୍ଟାଣ୍ଟ ପ୍ରଶାନ୍ତ କୁମାର ପଣ୍ଡା, ବରିଷ୍ଠ କିରାଣି ପଞ୍ଚାନନ ଜେନା ପ୍ରମୁଖ ଉପସ୍ଥିତ ରହି ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଅଧ୍ୟାପକ ପ୍ରସନ୍ନ କୁମାର ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ସତ୍ୟନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଭାପୁର କ୍ଲଷ୍ଟରର ଶିଶୁ ମହୋତ୍ସବ ସୁରଭି


ଭାପୁର କ୍ଲଷ୍ଟରର ଶିଶୁ ମହୋତ୍ସବ ସୁରଭି।

ଢେଙ୍କାନାଳ,୩।୧୦(ରତନ ନାୟାର)

ଢେଙ୍କାନାଳ ଭାପୁର ଉ.ପ୍ରା. ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାପୁର ସରପଞ୍ଚ ଇନ୍ଦୁମତୀ ଭଞ୍ଜ, ମୁଖ୍ୟବକ୍ତା ଭାବେ ଏବିଇଓ ଦେବବ୍ରତ ନାଥ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟା ଜ୍ୟୋସ୍ନାରାଣୀ ଖଟୁଆ, ଶିକ୍ଷାବିତ୍ ମଧୁସୂଦନ ଶତପଥୀ ଓ ପ୍ରାକ୍ତନ ସିଆର୍‌ସିସି ଶଶାଙ୍କ ଶେଖର ନାୟକ ଯୋଗ ଦେଇଥିଲେ । ଅପରାହ୍ନରେ ଭୋଳେଶ୍ୱର ଧଳ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମମତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସଦର ବିଇଓ ବ୍ରହ୍ମାନନ୍ଦ ରାଉତ, ମୁଖ୍ୟବକ୍ତା ଭାବେ ଦେବେନ୍ଦ୍ର ଶତପଥୀ ମେମୋରିଆଲ୍ କଲେଜ୍‌ର ଅଧ୍ୟକ୍ଷ ଚନ୍ଦ୍ରଶେଖର ପଣ୍ଡା, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ବିଷ୍ଣୁ ମଲ୍ଲିକ ଓ ସରସ୍ୱତୀ ଶିଶୁ ମନ୍ଦିର, ଭାପୁରର ଅଧ୍ୟକ୍ଷ ଦୁଷ୍ମନ୍ତ ରାଉତ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ । ଶିକ୍ଷକ ପ୍ରଦ୍ୟୁମ୍ନ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସିଆର୍‌ସିସି ନୃସିଂହ ପତି ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ପ୍ରତିଭା ପ୍ରଦର୍ଶନ କରିଥିଲେ। ବିତର୍କରେ ସୁବ୍ରତ ମହାପାତ୍ର, ପ୍ରବନ୍ଧରେ ମାମୁନି ସାହୁ, ହସ୍ତାକ୍ଷରରେ ଶୁଭଶ୍ରୀ ମୁଦୁଲି, ବକ୍ତୃତାର କନିଷ୍ଠ ବିଭାଗରେ ସାଇ ମୋହନ ପଣ୍ଡା ଓ ବରିଷ୍ଠ ବିଭାଗରେ ପ୍ରଜ୍ଞାନ ସାହୁ, କୁଇଜ୍‌ର କନିଷ୍ଠ ବିଭାଗରେ ଶୁଭଲକ୍ଷ୍ମୀ ସାହୁ ଓ ବରିଷ୍ଠ ବିଭାଗରେ ବିଶ୍ୱଜିତ୍ ସାହୁ, ଗୀତର କନିଷ୍ଠ ବିଭାଗରେ ଶ୍ରୀଜିତ୍ ବେହେରା ଓ ବରିଷ୍ଠ ବିଭାଗରେ ଦୀପକ ବେହେରା, ଚିତ୍ରାଙ୍କନ କନିଷ୍ଠ ବିଭାଗରେ ରୁଦ୍ର ନାରାୟଣ ଖଟୁଆ ଓ ବରିଷ୍ଠ ବିଭାଗରେ ବିଶ୍ୱଜିତ୍ ସାହୁ, ସୃଜନଶୀଳ ଲିଖନର କନିଷ୍ଠ ବିଭାଗରେ ଶୁଭଲକ୍ଷ୍ମୀ ସାହୁ ଓ ବରିଷ୍ଠ ବିଭାଗରେ ଇପ୍ସିତା ପ୍ରିୟଦର୍ଶିନୀ, ମଧ୍ୟାହ୍ନ ଭୋଜନ ସମ୍ପର୍କିତ ଶିଳ୍ପ କଳାରେ ତପସ୍ୱିନୀ ପଣ୍ଡା ଓ ଚିତ୍ରକଳାରେ ରାଜଶ୍ୱରୀ ପଣ୍ଡା ଓ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜେସିକା ରାୟଗୁରୁ ଓ ସାଥୀ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି ।

# ୩ ବାଇକ୍ ଜବତ, ୩ ଗିରଫ

ବଇଣ୍ଡା, ୩।୧୦ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ହଣ୍ଡପା ପୋଲିସ ପକ୍ଷରୁ ବୁଧବାର ୫୫ ନମ୍ବର ଜାତୀୟ ରାଜପଥର ନାକିଚି ଅଞ୍ଚଳରେ ଗାଡିମୋଟର ଯାଞ୍ଚ କରାଯାଇଛି। ଉଭୟପାର୍ଶ୍ୱରୁ ଆସୁଥିବା ସମସ୍ତ ଗାଡ଼ି ଯାଞ୍ଚ କରାଯାଇଥିଲା। ଏହି ସମୟରେ ମଦ୍ୟପାନ କରି ବାଇକ୍ ଚଳାଉଥିବା ଅଭିଯୋଗରେ ଆଠମଲ୍ଲିକ ଅଞ୍ଚଳର ଜଗବନ୍ଧୁ ସାହୁ, ଗଦେଇମୁଣ୍ଡା ଗ୍ରାମର ସଦାନନ୍ଦ ପ୍ରଧାନ, ଧଉରାଗୋଠ ଅଞ୍ଚଳର କ୍ଷୀରୋଦ କୁମାର ସାହୁଙ୍କୁ ଗିରଫ କରାଯିବା ସହ ଆଇଆଇସି ନମିତା ନାୟକ ସେମାନଙ୍କ ବାଇକ୍ ଜବତ କରିଥିଲେ। ଏ ନେଇ ଥାନାରେ ୩ଟି ମାମଲା ରୁଜୁ କରାଯାଇଛି।

## ସଂକ୍ଷେପରେ

### ଟ୍ରେନ୍ ଧକ୍କାରେ ଯୁବକଙ୍କ ଗୋଡ଼ କଟିଲା

**କାମାକ୍ଷାନଗର,୩।୧୦ (ସୁଧୀର କୁମାର ପରିଡ଼ା)**

କାମାକ୍ଷାନଗର ଥାନା ଅନଗୁଳ -ସୁକିନ୍ଦା ରେଳପଥର ମହୁପାଳ ନିକଟରେ ଗୁରୁବାର ସକାଳେ ଟ୍ରେନ ଧକ୍କାରେ ଜଣେ ଯୁବକଙ୍କ ଗୋଡ଼ କଟିଯାଇଛି। ଯୁବକ ଜଣକ ହେଉଛନ୍ତି ମହୁପାଳ ଗାଁର ବିବେକ ପଧାନ(୨୪) । ସୂଚନା ଅନୁସାରେ, ବିବେକ ଗାଁର ଅନ୍ୟ ଜଣେ ସାଙ୍ଗଙ୍କ ସହ ଅନଗୁଳ -ସୁକିନ୍ଦା ରେଳପଥ ପାର ହୋଇ ଶୌଚ ନିମନ୍ତେ ଅପରପାର୍ଶ୍ୱକୁ ଯାଉଥିଲେ। ଏହି ସମୟରେ ଏକ ମାଲବାହୀ ଟ୍ରେନ ବିବେକଙ୍କୁ ଧକ୍କା ଦେଇଥିଲା । ଫଳରେ ବିବେକଙ୍କ ଗୋଡ଼ଟି ସମ୍ପୂର୍ଣ୍ଣ କଟିଯାଇଥିଲା। ସ୍ଥାନୀୟ ଯୁବକଙ୍କଠାରୁ ଖବର ପାଇ ପରିବାର ଲୋକ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଂକଟାପର୍ଣ୍ଣ ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ଆମ୍ବପାଳ ଗ୍ରାମବାସୀଙ୍କ ଖଣି ବନ୍ଦ ଆନ୍ଦୋଳନ



ଛେଣ୍ଡିପଦା ବ୍ଲକ ଆମ୍ବପାଳ କ୍ଷତିଗ୍ରସ୍ତ ପ୍ରଜାସଂଘ ପକ୍ଷରୁ ଖଣି ସମ୍ମୁଖରେ ଆନ୍ଦୋଳନ କରାଯାଉଛି।

**ତାଳଚେର,୩।୧୦(ମନୋଜ ନନ୍ଦ)**

ଜମି ଓ ବାସଗୃହ ବାବଦ କ୍ଷତିପୂରଣ ଦାବି ନେଇ ଛେଣ୍ଡିପଦା ବ୍ଲକ ଆମ୍ବପାଳ କ୍ଷତିଗ୍ରସ୍ତ ପ୍ରଜାସଂଘ ପକ୍ଷରୁ ଗୁରୁବାର ହିଙ୍ଗୁଳା କୋଇଲା ଖଣି ବନ୍ଦ ଆନ୍ଦୋଳନ କରାଯାଇଛି। ସକାଳୁ ଶତାଧିକ କ୍ଷତିଗ୍ରସ୍ତ ପ୍ରଜା କୋଇଲା ଖଣି, ଟାଇମ ଅଫିସ, ପରିବହନ ରାସ୍ତା ଆଦି ଅବରୋଧ କରିବାରୁ ଖଣିରୁ କୋଇଲା ଉତ୍ପାଦନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା।

ଗ୍ରାମବାସୀ କହିଛନ୍ତି, ୧୯୯୪ ଓ ୨୦୧୦ ମସିହାରେ ଏମ୍‌ସିଏଲ୍ ଆମ୍ବପାଳ ଗ୍ରାମର ୪୭ ଏକର ଜାଗା ଅଧିଗ୍ରହଣ କରିଛି। ମାତ୍ର ଏଯାଏ ଆମ୍ବପାଳ ଗ୍ରାମର ୨୩୯ଜଣ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ନ୍ୟାୟ ପ୍ରଦାନ ଦିଗରେ ଖଣି କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଫଳରେ କ୍ଷତିଗ୍ରସ୍ତମାନେ ଦୀର୍ଘ ୩୦ ବର୍ଷ ହେଲା ଧୂଳି, ଧୂଆଁ ତଥା ପ୍ରଦୂଷଣର ଶିକାର ହେଉଛନ୍ତି। ବାରମ୍ବାର ଆପତ୍ତି ଅଭିଯୋଗ କଲେ ମଧ କର୍ତ୍ତୃପକ୍ଷ ବୈମାତୃକ ଭାବ ପ୍ରଦର୍ଶନ କରୁଛନ୍ତି। ଗତ ୧୮ ତାରିଖରେ ଅନୁଗୋଳ ଉପଜିଲାପାଳଙ୍କ ଅଧକ୍ଷତାରେ ଜିଲା ପ୍ରଶାସନ, ଛେଣ୍ଡିପଦା ବିଧାୟକ ଓ ଖଣି କର୍ତ୍ତୃପକ୍ଷଙ୍କ ମଧରେ ଏକ ସମାଧାନୀ ବୈଠକ ଅନୁଷ୍ଠିତ ହୋଇଥିଲା। ୭ ଦିନ ମଧରେ ସମସ୍ୟାର ସମାଧାନ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ସମାଧାନ ନ ହେବାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ କରାଯାଇଛି ବୋଲି ଆମ୍ବପାଳ କ୍ଷତିଗ୍ରସ୍ତ ପ୍ରଜାସଂଘ ସଭାପତି ଧର୍ମାନନ୍ଦ ମାଝୀ ଓ ସମ୍ପାଦକ ନାରାୟଣ ବେହେରା ପ୍ରକାଶ କରିଛନ୍ତି। ବିଜୟ ମାଝୀ, କୁଞ୍ଜବିହାରୀ ନାଏକ, ବିଜୟ ନାଏକ, ଭୋଳେଶ୍ୱର ବେହେରା, ବିନୟ ସାହୁ, କୁନା ସାହୁଙ୍କ ସମେତ ଶତାଧିକ କ୍ଷତିଗ୍ରସ୍ତ ପ୍ରଜା ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି।

# ବିଦ୍ୟୁତ୍ ସମସ୍ୟା ନେଇ ଜାତୀୟ ରାଜପଥ ଅବରୋଧ



**ପରଜଙ୍ଗ, ୩।୧୦(ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ୧୪୯ ନଂ ଜାତୀୟ ରାଜପଥର ଆଖୁଆପାଳ ପଞ୍ଚାୟତ ଅଫିସ ସାମ୍ନା ଜାତୀୟ ରାଜପଥକୁ ଅବରୋଧ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଅଞ୍ଚଳରେ ଅଘୋଷିତ ବିଦ୍ୟୁତ କାଟକୁ ନେଇ ବାରମ୍ବାର ଅଭିଯୋଗ ପରେ ମଧ ସମସ୍ୟାର ସମାଧାନ ହେଉ ନ ଥିବା ସ୍ଥାନୀୟ ଲୋକମାନେ ପ୍ରକାଶ କରିଛନ୍ତି। ଆଖପାଖ ଅଞ୍ଚଳର ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଲୋକମାନେ ବିଦ୍ୟୁତ ସମସ୍ୟା ଘେରରେ ରହିଛନ୍ତି। ପିଲାଙ୍କ ପାଠପଢା, ପାନୀୟ ଜଳ ଯୋଗାଣ, ଅତ୍ୟାବଶକୀୟ କାର୍ଯ୍ୟ ଆଦିରେ ବ୍ୟାହତ ଘଟୁଥିବା ଅଭିଯୋଗ କରିଛନ୍ତି। ଏପରିକି ବିଦ୍ୟୁତ କାଟ ଯୋଗୁଁ ଅଞ୍ଚଳରେ ଚୋରି ପରିମାଣ ବଢୁଥିବା ଦେଖିବାକୁ ମିଳିଛି। ଏ ନେଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥାନୀୟ ଲୋକମାନେ ଜାତୀୟ ରାଜପଥକୁ ଅବରୋଧ କରିଛନ୍ତି। ଫଳରେ ପିଟିରି-ପାଲଲହଡା ଏବଂ ରାଉରକେଲା, କେଉଁଝରକୁ ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇଯାଇଥିଲା। ପରେ ବିଭାଗୀୟ ଯନ୍ତ୍ରୀ ଓ ଦାଦରାଘାଟି ଫାଣ୍ଡି ଅଧିକାରୀ ଶକ୍ତି ପ୍ରସାଦ ସାହୁ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ଆସନ୍ତା ରବିବାର ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ, ଫାଣ୍ଡି ଅଧିକାରୀ ଓ ଗ୍ରାମବାସୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେବ ବୋଲି ଫାଣ୍ଡି ଅଧିକାରୀ ସୂଚନା ଦେଇଛନ୍ତି।

# ନୂତନ ଉପଜିଲାପାଳଙ୍କ ଦାୟିତ୍ୱଗ୍ରହଣ



ଉପଜିଲାପାଳ ବିଭୁଦ ଗଡନାୟକ।

**ଢେଙ୍କାନାଳ,୩।୧୦(ରତନ ନାୟାର)**

ଢେଙ୍କାନାଳରେ ନୂତନ ଉପଜିଲାପାଳ ଭାବେ ଓଡିଶା ପ୍ରଶାସନିକ ସେବାର ଅଧିକାରୀ ବିଭୁଦ ଗଡନାୟକ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପୂର୍ବତନ ଉପଜିଲାପାଳ ସପନ କୁମାର ନନ୍ଦଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ବିଭୁଦ ଗଡ଼ନାୟକ ଢେଙ୍କାନାଳର ୪୫ତମ ଉପଜିଲାପାଳ। ସେ ଏଥିପୂର୍ବରୁ ଜଗତସିଂହପୁର ଜିଲାରେ କାର୍ଯ୍ୟରତ ଥିଲେ। ଢେଙ୍କାନାଳରେ ଉପଜିଲାପାଳ ଭାବେ କାର୍ଯ୍ୟରତ ଥିବା ସପନ କୁମାର ନନ୍ଦଙ୍କର ଯାଜପୁର ଜିଲା କଳିଙ୍ଗନଗର ଅତିରିକ୍ତ ଜିଲାପାଳ ଭାବେ ବଦଳି ହୋଇଛି। ନୂତନ ଉପଜିଲାପାଳଙ୍କୁ ସହକାରୀ ଜିଲାପାଳ ଏବଂ ବିଭିନ୍ନ ଅଧିକାରୀ ଓ କର୍ମଚାରୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଏଥିସହିତ ନୂତନ ଉପଜିଲାପାଳ ଢେଙ୍କାନାଳ ଜିଲା ଦେବୋତ୍ତର ଅଧିକାରୀ ଭାବେ ମଧ ଦାୟିତ୍ୱ ଗ୍ରହଣ କରିଛନ୍ତି ।

# ଚନ୍ଦ୍ରଶେଖର ମନ୍ଦିର କମିଟି ଗଠନ



ମନ୍ଦିର କମିଟିର ସଦସ୍ୟମାନେ ଆଲୋଚନା କରୁଛନ୍ତି।

**କାମାକ୍ଷାନଗର,୩।୧୦ (ସୁଧୀର କୁମାର ପରିଡ଼ା)**

ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ ଦଶୀପୁର ଗ୍ରାମ ଶ୍ରୀଶ୍ରୀ ଚନ୍ଦ୍ରଶେଖର ମନ୍ଦିର କମିଟିର ନୂତନ କର୍ମକର୍ତ୍ତା ମନ୍ଦିର ପ୍ରାଙ୍ଗଣରେ ବୁଧବାର ଗଠନ କରାଯାଇଛି। ଚନ୍ଦ୍ରଶେଖର ବୋଲବମ ସଂଘର ସଦସ୍ୟ, ଦଶୀପୁର ଗ୍ରାମବାସୀଙ୍କ ଉପସ୍ଥିତରେ ମନ୍ଦିର ପରିଚାଳନା ଓ ନୂଆ ମନ୍ଦିର ନିର୍ମାଣ ପାଇଁ ଏକ କମିଟି ଗଠନ କରାଯାଇଥିଲା। ସଭାପତି ରାଜେଶ କୁମାର ଦେହୁରୀ, ସମ୍ପାଦକ ସୁଧୀର ପାଳ, କୋଷାଧକ୍ଷ ମହେନ୍ଦ୍ର ସାହୁ, ଉପସଭାପତି ବେଣୁଧର ନାୟକ, ଯୁଗ୍ମ ସମ୍ପାଦକ ସୁଶୀଳ ଦେହୁରୀ, ସଦସ୍ୟ ଭାବେ ସୁଧାକର ନାୟକ, ପ୍ରେମାନନ୍ଦ ସ୍ୱାଇଁ, ମହେନ୍ଦ୍ର ନାୟକ, ଗୋବିନ୍ଦ ସାହୁ, କ୍ଷୀରୋଦ ଦେହୁରୀ, ସିଲୁ ନାୟକ, ଶିଶିର ନାୟକ, ଟୁକୁନା ବେହେରା, ତ୍ରିପୁର ନାୟକ, ଫକୀର ସାହୁ, ଭାଗ୍ୟଧର ଦେହୁରୀ ଚୟନ ହୋଇଥିଲେ। ମହାଦେବଙ୍କ ମୁଖ୍ୟ ମନ୍ଦିର ନିର୍ମାଣ ଯଥାଶୀଘ୍ର ଆରମ୍ଭ କିଭଳି ହୋଇପାରିବ ତା' ଉପରେ ନୂତନ କର୍ମକର୍ତ୍ତା ଦୃଢ଼ ସଂକଳ୍ପ ନେଇଥିଲେ। ଉପସ୍ଥିତ ଥିବା ଗ୍ରାମବାସୀ ମନ୍ଦିର ନିର୍ମାଣ କରାଯିବା ପାଇଁ ସମସ୍ତ ସହଯୋଗ କରାଯିବ ବୋଲି କହିଥିଲେ। ଗଠନ ହୋଇଥିବା ନୂତନ କମିଟିରେ ପ୍ରତି ୱାର୍ଡ଼ରୁ ଜଣେରୁ ଦୁଇଜଣ ଉପଦେଷ୍ଟା ରହିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ମତାମତ ଆସିଥିଲା। ସରକାରୀ ସ୍ତରରେ ଅର୍ଥ ମଞ୍ଜୁର ହୋଇ ପାରିପାର୍ଶ୍ୱିକ ଉନ୍ନତୀକରଣ ହେବା ପାଇଁ ପଞ୍ଚାୟତ ଓ ବ୍ଲକ ପ୍ରଶାସନ ପାଖରେ ସମସ୍ୟା ଜଣାଇ ମନ୍ଦିର ପାଖରେ ଥିବା ପାର୍କ ଓ ପାଚେରି ନିର୍ମାଣ ପାଇଁ ଏକ ପ୍ରସ୍ତାବ ଆଲୋଚନା ମାଧ୍ୟମରେ କରାଯାଇଥିଲା। ଦଶୀପୁର ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନନ୍ତ ଚରଣ ପଟ୍ଟନାୟକ, ରୋହିତ ସାମଲ, ବାସୁଦେବ ସ୍ୱାଇଁ, ରବି ନାରାୟଣ ସାହୁ, ଶ୍ରୀନିବାସ ସାହୁ, ଆଦିତ୍ୟ ସାହୁ, ଲକ୍ଷ୍ମୀଧର ସାହୁ, ବାଉରୀ ସ୍ୱାଇଁ, କୃଷ୍ଣଚନ୍ଦ୍ର ସାହୁଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଶିକ୍ଷା ଅନୁଷ୍ଠାନର ପ୍ରତିଷ୍ଠା ଦିବସ ପାଳନ




**ଢେଙ୍କାନାଳ,୩।୧୦(ରତନ ନାୟାର)**

ଢେଙ୍କାନାଳ ମୀନାବଜାର ଗାନ୍ଧୀମନ୍ଦିର ରୋଡସ୍ଥିତ ସ୍ୱେଚ୍ଛାସେବୀ ସଂସ୍ଥା ଶିକ୍ଷା ଓ ପ୍ରଶିକ୍ଷଣ ବିକାଶ ସମିତି (ଶିକ୍ଷା) ତରଫରୁ ବୁଧବାର ଅନୁଷ୍ଠାନର ପ୍ରତିଷ୍ଠା ଦିବସ ପାଳନ ସହିତ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଥିଲା। ବରିଷ୍ଠ ଆଇନଜୀବୀ ମାନସ ରଥ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବରେ ହାସ୍ୟ କଳାକାର ଶତୃଘ୍ନ ମାଟି ଯୋଗଦେଇ କମ୍ପ୍ୟୁଟର ଶିକ୍ଷାର ଗୁରୁତ୍ୱ ଓ ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିବା ସହିତ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସଫଳତା ହାସଲ କରିବାକୁ କହିଥିଲେ। ଏହି ଅବସରରେ ଆୟୋଜିତ ବକ୍ତୃତା, ଓଡିଆ ପ୍ରବନ୍ଧ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । କାର୍ଯକ୍ରମରେ ସୌମ୍ୟରଞ୍ଜନ ସାହୁ , ଆସେଟ୍ କମ୍ପ୍ୟୁଟର ସଂସ୍ଥାର ଅଧକ୍ଷ ପ୍ରଭାତ ଦେହୁରୀ ଏବଂ ସ୍କାଏନେଟ୍ କମ୍ପ୍ୟୁଟର ସଂସ୍ଥାର ଅଧକ୍ଷ ଇଂ ଅବିନାଶ ଦାସ ଅନ୍ୟତମ ଅତିଥି ଭାବରେ ଯୋଗଦେଇଥିଲେ। ଅନୁଷ୍ଠାନର ଅଧକ୍ଷ ସୟଦ ସଫିର ଅଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଶିକ୍ଷିକା ବିଷ୍ଣୁପ୍ରିୟା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅମ୍ରିତା ମିଶ୍ର, ମୋନାଲିସା ନାୟକ, ରାଜେନ୍ଦ୍ର ଦେବତା, ସନ୍ଦୀପ କର, ସୌମ୍ୟରଞ୍ଜନ ଘିବାଲା ପ୍ରମୁଖ ସହଯୋଗ କରିଥିଲେ।

# ଅସହାୟ ପରିବାରଙ୍କୁ ସହାୟତା କଲା ଜିଲା ପ୍ରଶାସନ



ପ୍ରଶାସନ ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯାଉଛି।

**ଢେଙ୍କାନାଳ,୩।୧୦(ରତନ ନାୟାର)**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ନିହାଲପ୍ରସାଦ ଥାନା ଦଶମାଣପାଟଣା ଗ୍ରାମର ଅଧିବାସୀ ଶୁକଦେବ ବେହେରା ନିଜ ପରିବାର ପ୍ରତିପୋଷଣ ପାଇଁ ଢେଙ୍କାନାଳରୁ ଶ୍ରୀକ୍ଷେତ୍ର ପୁରୀକୁ ଯାଇ ଏକ ମୋପେଡ ଦ୍ୱାରା ସାହିସାହି ବୁଲି ପାମ୍ପଡ, ନଳି ଆଦି ସାମଗ୍ରୀ ବିକ୍ରିକରି ଚଳୁଥିଲେ। ନିଜ ପାଖରେ ସେ ସ୍ତ୍ରୀ ଓ ଛୁଆଙ୍କୁ ମଧ ରଖିଥିଲେ । କିଛିଦିନ ତଳେ ସେ ମୋପେଡରେ ବୁଲି ବ୍ୟବସାୟ କରୁଥିବା ବେଳେ ଅକସ୍ମାତ ମୃତ୍ୟୁବରଣ କରିଥିଲେ। ତାଙ୍କର ଭିଡିଓ ସାମାଜିକ ଗଣମାଧମରେ ବହୁଳ ଭାବରେ ଭାଇରାଲ ହୋଇଥିଲା ଏବଂ ଏହା ମଧ ହୃଦୟ ବିଦାରକ ଥିଲା। ଏ ସମ୍ବନ୍ଧରେ ଜିଲା ପ୍ରଶାସନ ଅବଗତ ହେବା ପରେ ବୁଧବାର ମୃତ ଶୁକଦେବ ବେହେରାଙ୍କ ଶିଶୁ ଓ ପତ୍ନୀଙ୍କୁ ସହାୟତାର ହାତ ବଢାଇଥିଲା ଜିଲା ପ୍ରଶାସନ। ତାଙ୍କ ପତ୍ନୀ ଅଖାଜି ବେହେରାଙ୍କୁ ୩୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ମୃତ ପରିବାର ମଧ ରାସନ କାର୍ଡ ଅନ୍ତର୍ଭୁକ୍ତ ଅଟନ୍ତି ଏବଂ ତାଙ୍କର ନିଜର ପକ୍କାଘର ମଧ ରହିଛି । ଆଗାମୀ ଦିନରେ ଜିଲା ପ୍ରଶାସନ ପକ୍ଷରୁ ଯଥାସମ୍ଭବ ସାହାଯ୍ୟ ଓ ସହଯୋଗ କରାଯିବା ପାଇଁ ମୃତକଙ୍କ ପରିବାରବର୍ଗଙ୍କୁ ଆଶ୍ୱାସନା ଦିଆଯାଇଛି । ଏହାସହିତ ଆଗାମୀ ଦିନରେ ତାଙ୍କ ପରିବାର କିପରି ଆତ୍ମନିର୍ଭରଶୀଳ ହୋଇପାରିବ ସେଥିପାଇଁ ପ୍ରଶାସନ ପଦକ୍ଷେପ ନେବ ବୋଲି ନିଷ୍ପତ୍ତି ନେଇଛି । ଜିଲା ପ୍ରଶାସନ ଜିଲାର ଅଧିବାସୀମାନଙ୍କ ନିମନ୍ତେ ସଦାସର୍ବଦା ସମ୍ବେଦନଶୀଳ ରହିଛି । ଜିଲାର ସାମଗ୍ରୀକ ଉନ୍ନତି ସହିତ ଅଧିବାସୀଙ୍କ ନିକଟରେ ପ୍ରଶାସନ ସମସ୍ତ କ୍ଷେତ୍ରରେ ପ୍ରତିଶ୍ରୁତିବଦ୍ଧ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜଣାଯାଇଛି ।

# ଜିଲାସ୍ତରୀୟ କୁସ୍ତି ପ୍ରତିଯୋଗିତା



ଅତିଥିମାନଙ୍କ ଗହଣରେ ପ୍ରତିଯୋଗୀ।

**ଢେଙ୍କାନାଳ,୩।୧୦(ରତନ ନାୟାର)**

ଢେଙ୍କାନାଳ ସଦର ବ୍ଲକ ନାଠୁଆ ଗ୍ରାମ ଉଦୟନାଥ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଏକ ଦିବସୀୟ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତାରେ ଜିଲାର ବିଭିନ୍ନ ବ୍ଲକ୍‌ରୁ ୧୪ ଓ ୧୭ ବର୍ଷରୁ କମ୍ ବାଳକ ବିଭାଗର ୩୦ଜଣ ଛାତ୍ର ଭାଗ ନେଇଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ଶାରୀରିକ କ୍ରୀଡା ଅଧିକାରୀ ପ୍ରକାଶ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ବିଭୁତି ଭୂଷଣ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ସେନା ଅଧିକାରୀ କବିବର ଦେହୁରି, ସିଆର୍‌ସିସି ସଞ୍ଜିବ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କ୍ରିଡାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟର କ୍ରୀଡା ଶିକ୍ଷକ ଆର୍ଯ୍ୟ ପଟ୍ଟନାୟକ ଓ ପୁରୁଷୋତମ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାକୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ। ପ୍ରଧାନ ଶିକ୍ଷକ ଅଜୟ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀମୁଳା ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱଚ୍ଛତା ହିଁ ସେବା




**ଢେଙ୍କାନାଳ,୩।୧୦(ରତନ ନାୟାର)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଶ୍ରୀମୁଳା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ପକ୍ଷରୁ ବୁଧବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଧୋବାବାହାଳି ଗ୍ରାମର ଶ୍ରୀରାମ କ୍ଲବ ସହାୟତାରେ କ୍ଲବର ସଦସ୍ୟ ରାକେଶ ସାହୁ, ପ୍ରିୟ ସାହୁ, ବିକାଶ ବେହେରା, ସାଗର ସାହୁ ପ୍ରମୁଖ ଆରୋଗ୍ୟ କେନ୍ଦ୍ର ପରିସରକୁ ସଫା କରିଥିଲେ । ଆୟୁଷ ଡାକ୍ତର ଫାଲଗୁନି ମିଶ୍ର ଓ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀମାନେ ସହାୟତା କରିଥିଲେ ।

# ଜିଲାର ୫ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା



ପଞ୍ଚାୟତବାସୀ ଶପଥ ପାଠ କରୁଛନ୍ତି।

**ଢେଙ୍କାନାଳ,୩।୧୦(ରତନ ନାୟାର)**

ଢେଙ୍କାନାଳ ଜିଲାର ୫ଟି ପଞ୍ଚାୟତରେ ଜନ ଯୋଜନା ଅଭିଯାନ ଅନ୍ତର୍ଗତ ସ୍ୱତନ୍ତ୍ର ଗ୍ରାମସଭା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୨ ତାରିଖରେ ଅନୁଷ୍ଠିତ ହୋଇଯାଇଛି । ବିକଶିତ ଭାରତ ଓ ବିକଶିତ ପଞ୍ଚାୟତ ଗଢ଼ିତୋଳିବା ପାଇଁ ସବୁ କ୍ଷେତ୍ରରେ ପ୍ରୟାସ ଜାରିରହିଛି । ୨ ତାରିଖ ଦିନ ଜିଲାର କଙ୍କଡାହାଡ ବ୍ଲକର ପଙ୍ଗାତିରା, ବାଟଗାଁ, ମରୁଆବିଲି, ସଦର ବ୍ଲକର ନୂଆଗାଁ ଓ ମଙ୍ଗଳପୁର ଗ୍ରାମପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ସହ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ପିପୁଲ୍ସ ପ୍ଲାନ କ୍ୟାମ୍ପେନ ୨୦୨୪-୨୫ର ଅଂଶ ଭାବେ ଆୟୋଜିତ ହୋଇଥିଲା। ଗ୍ରାମସ୍ତରରେ ଅଧିକ ସମାବେଶୀ ଏବଂ ଜନ ଭାଗୀଦାରି ଯୋଜନା ନିର୍ମାଣ ପାଇଁ ସମାଜକୁ ଅଂଶଗ୍ରହଣ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଢେଙ୍କାନାଳ ଜିଲାକୁ କିପରି ଆକାଂକ୍ଷୀ ଜିଲାର ପ୍ରେରଣାଦାୟୀ ଜିଲାରେ ପରିଣତ କରିବାର ଲକ୍ଷ୍ୟକୁ ସାକାର କରିବା ଦିଗରେ ଗୁରୁତ୍ୱ ଦିଆଯାଇଛି । ପଙ୍ଗାତିରା ଗ୍ରାମପଞ୍ଚାୟତରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର ଗ୍ରାମସଭାରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନଙ୍କ ଧର୍ମପତ୍ନୀ ସମାଜସେବୀ ଅନୁପମା ପ୍ରଧାନ, ସଭାର ସଭାପତି ସରପଞ୍ଚ କରୁଣାକର ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରାହୁଲଜିତ ପ୍ରଧାନ, ପିରାମଲ ଫାଉଣ୍ଡେଶନ ପ୍ରୋଗ୍ରାମ ମୁଖ୍ୟ ମାନସ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏହି ସ୍ୱତନ୍ତ୍ର ଗ୍ରାମସଭା ପାଇଁ ଶୋଭାଯାତ୍ରା, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ୱଚ୍ଛତା ହିଁ ସେବା ଅଭିଯାନ ଏବଂ ପ୍ରତିକାତ୍ମକ ଚାରା ରୋପଣ କାର୍ଯ୍ୟକ୍ରମ ମା' ନାମରେ ଗୋଟିଏ ଗଛ ପରିବେଶ ସୁରକ୍ଷା ପାଇଁ ଆୟୋଜିତ ହୋଇଥିଲା । ସଭାରେ ଉପସ୍ଥିତ ସମସ୍ତ ବରିଷ୍ଠ ନାଗରିକମାନଙ୍କୁ ସମ୍ମାନିତ କରାଯିବା ସହିତ ପଞ୍ଚାୟତରେ ଶ୍ରେଷ୍ଠ କାର୍ଯ୍ୟ କରୁଥିବା ଆଶା, ଅଙ୍ଗନଓ୍ୱାଡି, ଏଏନ୍‌ଏମ୍, ଶିକ୍ଷକ, ସମାଜସେବୀ ଓ ପିରାମଲ ଫାଉଣ୍ଡେସନକୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଅବହେଳିତ ଶିଶୁ ଓ ମହିଳାଙ୍କ ସୁରକ୍ଷା ନେଇ ଚିନ୍ତାପ୍ରକଟ

**ଅବହେଳା କରୁଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

**ଢେଙ୍କାନାଳ,୩।୧୦(ରତନ ନାୟାର)**



ଏଏପି ସଦସ୍ୟମାନେ ଜିଲାପାଳଙ୍କୁ ୭ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରୁଛନ୍ତି।

ଢେଙ୍କାନାଳ ଜିଲାରେ ଅବହେଳିତ ଶିଶୁ ଓ ମହିଳାମାନଙ୍କ ସୁରକ୍ଷାକୁ ନେଇ ଏଏପି ପକ୍ଷରୁ ଚିନ୍ତା ପ୍ରକଟ କରାଯାଇଛି। ଏଥିପାଇଁ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ଓ ଜନ ପ୍ରତିନିଧିମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏଏପି ପକ୍ଷରୁ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୁରୁବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି । ରାସୋଳ ଥାନା ଅଞ୍ଚଳରେ ଜଣେ ସ୍ୱାମୀହରା ମହିଳାଙ୍କ ଉପରେ ଅସଦାଚରଣ, ଭାପୁର ଫାଣ୍ଡି ଅଞ୍ଚଳରେ ଜଣେ ଅସହାୟ ଯୁବତୀଙ୍କୁ ଗଣ ବଳାତ୍କାର କରି ୭ମାସର ଗର୍ଭବତୀ କରିବା ଆଦି ଘଟଣା ବୃଦ୍ଧି ପାଉଥିବାରୁ ଏହା ଜିଲାର ସ୍ୱାଭିମାନକୁ ନଷ୍ଟ କରୁଛି ବୋଲି ଦଳୀୟ ନେତୃବୃନ୍ଦ ଅଭିଯୋଗ କରିଛନ୍ତି। ଏହିସବୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହିତ ଏହି ଘଟଣାର ପୁନରାବୃତି ନ ହେବାକୁ ଦାବି କରାଯାଇଛି। ଗାଁଗାଁରେ ବୁଲି ଭିକ୍ଷାବୃତି କରୁଥିବା ସ୍ୱାମୀହରା ମହିଳା ଓ ୩ବର୍ଷ ଶିଶୁପୁତ୍ରଙ୍କ ଦାୟିତ୍ୱ ମଧ ଜିଲା ସମାଜ ମଙ୍ଗଳ ବିଭାଗ ଓ ଶିଶୁ ସୁରକ୍ଷା ବିଭାଗ କାହିଁକି ନେଲେ ନାହିଁ, ଏହାକୁ ନେଇ ଆପ୍ ନେତୃବନ୍ଦ ପ୍ରଶ୍ନ ଉଠାଇଛନ୍ତି । ସେମାନଙ୍କୁ ଥଇଥାନ କରିବା ପାଇଁ ଦଳ ପକ୍ଷରୁ ଦାବି ହୋଇଛି । ସେହିପରି ମହିଳା ଓ ତାଙ୍କ ପୁତ୍ରଙ୍କ ଫଟୋ ଓ ଭିଡିଓ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି । ଏଥିରେ ଶିଶୁ ଓ ମା'ର ସମ୍ମାନହାନୀ ହେଉଛି । ସୋସିଆଲ ମିଡିଆରୁ ଫଟୋ ଓ ଭିଡିଓକୁ ହଟାଇବା ପାଇଁ ଦଳ ପକ୍ଷରୁ ଦାବି ହେଉଛି । ଏଭଳି ଘଟଣାରେ କର୍ତ୍ତବ୍ୟରେ ଦାୟିତ୍ୱହୀନତା ଓ ଅବହେଳ ପ୍ରଦର୍ଶନ କରୁଥିବା ସରକାରୀ ଅଧିକାରୀମାନଙ୍କୁ ତୁରନ୍ତ ତଦନ୍ତ ପରିସରଭୁକ୍ତ କରାଯାଇ ଦୋଷୀମାନଙ୍କ ବିରୋଧରେ କଠୋର ଦଣ୍ଡ ଦେବା ପାଇଁ ଏଏପିର ଜିଲା ସଭାପତି ପଙ୍କଜ ନାୟକଙ୍କ ନେତୃତ୍ୱରେ ଉପସଭାପତି ରମେଶଚନ୍ଦ୍ର ପଣ୍ଡାଙ୍କ ସମେତ ରୁନୁବାଳା ଚିନାରା, ବବିତା ବେହେରା, ରଚିତା ନାୟକ ଓ ରାଜ କୁମାର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ୭ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି ।

# ଆନ୍ଦୋଳନ ଜାରି, କୋଇଲା ପରିବହନ ବାଧାପ୍ରାପ୍ତ



ତାଳଚେର ଟ୍ରକ୍ ମାଲିକ ସଂଘ ପକ୍ଷରୁ ଆନ୍ଦୋଳନ କରାଯାଉଛି।

ତାଳଚେର,୩।୧୦(ମନୋଜ ନନ୍ଦ)

ଭଡ଼ା ବୃଦ୍ଧି ସହିତ ବିଭିନ୍ନ ଦାବି ନେଇ ତାଳଚେର ଟ୍ରକ୍ ମାଲିକ ସଂଘର ନିଷ୍ପତ୍ତି କ୍ରମେ ଚାଲିଥିବା ଆନ୍ଦୋଳନ ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଫଳରେ ରାଜ୍ୟର ବିଭିନ୍ନ କଳକାରଖାନାକୁ ଟ୍ରକ୍ ଯୋଗେ ତାଳଚେରରୁ କୋଇଲା ପରିବହନ ଠପ୍ ହୋଇଯାଇଛି। ପ୍ରକାଶ ଯେ, ୨୦୨୩ ନଭେମ୍ବର ୧୫ରେ ପ୍ରଶାସନ, ପରିବହନକାରୀ ସଂସ୍ଥା, ଶିଳ୍ପସଂସ୍ଥା କର୍ତ୍ତୃପକ୍ଷ ଏକ ବୈଠକ କରି ଭଡ଼ା ବୃଦ୍ଧି ନେଇ ନିଷ୍ପତ୍ତି କରାଯାଇଥିଲା। କିନ୍ତୁ କିଛି ମାସ ଠିକ୍ ଠାକ୍ ଚାଲିବା ପରେ ଭଡ଼ା ବୃଦ୍ଧି ନିଷ୍ପତ୍ତିରୁ ପରିବହନକାରୀ ସଂସ୍ଥା ଓହରି ଯାଇଥିଲା। ଫଳରେ ଟ୍ରକ୍ ମାଲିକମାନେ ସେମାନଙ୍କ ଆବଶ୍ୟକତା ମେଣ୍ଟାଇ ନ ପାରି ଋଣ ଭାରରେ ପଡ଼ିଛନ୍ତି। ଏପରି ପରିସ୍ଥିତିରେ ଆଉ ଟ୍ରକ୍ ଚଳାଇ ପାରିବେ ନାହିଁ ବୋଲି ଅନୁଭବ କରି ଟ୍ରକ୍ ମାଲିକ ସଂଘ ପକ୍ଷରୁ ଆନ୍ଦୋଳନ କରାଯାଇଥିବା ସଂଘ ପକ୍ଷରୁ କୁହାଯାଇଛି। ଏଥିରେ ଆଞ୍ଚଳିକ ଟ୍ରକ୍ ମାଲିକ ସଂଘ, ଗ୍ରାମାଞ୍ଚଳ ମାଲିକ ସଂଘ, ରିଜିଓନାଲ ଟ୍ରକ୍ ମାଲିକ ସଂଘ ଓ ତାଳଚେର ଟ୍ରକ୍ ମାଲିକ ସଂଘ ସଦସ୍ୟମାନେ ସାମିଲ ହୋଇ ବିଭିନ୍ନ ଖଣିରେ ଗାଡ଼ି ଠିଆ କରିଥିବା ଦେଖିବାକୁ ମିଳିଛି। ଫଳରେ ଟ୍ରକ୍ ଯୋଗେ କୋଇଲା ବାହାରକୁ ଯାଇପାରୁନାହିଁ। ଟ୍ରକ୍ ମାଲିକ ସଂଘ ସଭାପତି ଅରବିନ୍ଦ ଭୂତିଆ, କାର୍ଯ୍ୟକାରୀ ସଭାପତି ଟୁକୁନା ସ୍ୱାଇଁ, ସମ୍ପାଦକ ରତନ ଶତପଥୀ, କୋଷାଧ୍ୟକ୍ଷ ନଗେଶ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପ୍ରାୟ ୨ ହଜାର ଟ୍ରକ୍ ମାଲିକ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ତେବେ ଆନ୍ଦୋଳନକୁ ଦେଖି ଆସନ୍ତା ୫ ତାରିଖରେ ରାଜ୍ୟର ବିଭିନ୍ନ କଳକାରଖାନା ଅଧିକାରୀ, ପରିବହନକାରୀ ସଂସ୍ଥା ଓ ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତା ଓ ପରିବହନକାରୀ ସଂଘ କର୍ମକର୍ତ୍ତାଙ୍କୁ ନେଇ ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ବୈଠକ କରାଯିବ ବୋଲି ଚିଠି ସଂଖ୍ୟା ୪୧୬୮/୩।୧୦ରୁ ଜଣାପଡ଼ିଛି।

# ସମୟ ସୀମା ମଧ୍ୟରେ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

## ରେଙ୍ଗାଳି ଓ ତାଳପଦା-ସିଲିଂ ବ୍ରିଜ୍ ନିର୍ମାଣ ଅଗ୍ରଗତି ସମୀକ୍ଷା

ପବିତ୍ରନଗର,୩।୧୦ (ନିରୋଜ କୁମାର ପ୍ରଧାନ)

କଣିହାଁ ବ୍ଲକର ରେଙ୍ଗାଳି ଦ୍ୱିତୀୟ ବ୍ରିଜ୍ ଓ ଶିଲିଂ-ତାଳପଦା ବ୍ରିଜ୍ ନିର୍ମାଣ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଗୁରୁବାର ସମଲ ବ୍ୟାରେଜ ବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପାଲଲହଡା ବିଧାୟକ ଅଶୋକ କୁମାର ମହାନ୍ତି ଯୋଗଦେଇ ରେଙ୍ଗାଳି ଦ୍ୱିତୀୟ ବ୍ରିଜ୍ ନିର୍ମାଣରେ ଅତ୍ୟନ୍ତ ବିଳମ୍ବ ନେଇ କ୍ଷୋଭ ପ୍ରକାଶ କରିଥିଲେ। ବିଧାୟକ କହିଥିଲେ, ୨୦୧୩ ମସିହାରେ ଅନୁମୋଦନ ଲାଭ କରିଥିବା ରେଙ୍ଗାଳି ବ୍ରିଜ୍ର ବ୍ୟୟ ଅଟକଳ ପରିମାଣ ବୃଦ୍ଧି ପାଇଛି। ପୂର୍ବ ସରକାରରେ ଏହାକୁ ଅବହେଳା କରାଯାଇଛି। ଖୁବ୍‌ଶୀଘ୍ର ନୂତନ ଠିକାଦାରଙ୍କୁ ନିଯୁକ୍ତି କରିବାକୁ ବିଧାୟକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।


ସିଲିଂ-ତାଳପଦା ବ୍ରିଜ ନିର୍ମାଣସ୍ଥଳ ପରିଦର୍ଶନ କରୁଛନ୍ତି ବିଧାୟକ।

ତାଳପଦା-ସିଲିଂ ବ୍ରିଜ୍ର ସ୍ଥାନ ପରିବର୍ତ୍ତନ ସହିତ ବର୍ତ୍ତମାନ ସୁଦ୍ଧା ଡ୍ରଇଂ ଦାଖଲ ହୋଇ ନ ଥିବାରୁ ତୁରନ୍ତ ଦାଖଲ କରି ଉଭୟ ପଟୁ କାମ ଆରମ୍ଭ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସାରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ପୂର୍ତ୍ତ ବିଭାଗ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ପ୍ରତାପ କୁମାର ହରିପାଲ, ଏଇଇ ବିକାଶ କୁମାର ପାଣି, କନିଷ୍ଠ ଯନ୍ତ୍ରୀ ମାଧବ ଚନ୍ଦ୍ର ସାହୁ, ଠିକାସଂସ୍ଥାର କେ. ଶେଖର ରେଡ୍ଡୀ, ୱାଇ ସନ୍ତୋଷ, ଏସ. ଏସ. ଜେନା, ନୃପତି ସ୍ୱାଇଁ, ଅମରେନ୍ଦ୍ର ସେଠୀ, ରାଜେଶ ନାଏକ, ଭାଜପା ମଣ୍ଡଳ ସଭାପତି ପ୍ରହ୍ଲାଦ ସାମଲ, ତ୍ରିପୁରାରି ପ୍ରଧାନ, ସୁମନ୍ତ ପ୍ରଧାନ, ରମେଶ ପ୍ରଧାନ, ସରପଞ୍ଚ ଦୁଃଖବନ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହା ପୂର୍ବରୁ ବିଧାୟକ ବିଭାଗୀୟ ଅଧିକାରୀଙ୍କ ସହିତ ସିଲିଂ-ତାଳପଦା ବ୍ରିଜ୍ ନିର୍ମାଣସ୍ଥଳ ପରିଦର୍ଶନ କରିଥିଲେ।

# ନାଲ୍କୋ ସିପିପି ଶ୍ରମିକ ସଙ୍ଗଠନ ନିର୍ବାଚନ ଆଜି

ବଣଅଁରପାଳ,୩।୧୦(ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍କୋ ସିପିପି ପ୍ଲାଣ୍ଟରେ କାର୍ଯ୍ୟରତ ଶ୍ରମିକଙ୍କ ଦ୍ୱିବାର୍ଷିକ ନିର୍ବାଚନ ୪ ତାରିଖ ଶୁକ୍ରବାର ଅନୁଷ୍ଠିତ ହେବ। ସିଏଲ୍‌ସି ଏବଂ ଏଏଲ୍‌ସିଙ୍କ ତତ୍ତ୍ୱାବଧାନରେ ଫ୍ୟାକ୍ଟ୍ରି ନିୟମ ଅନୁଯାୟୀ ଏହି ନିର୍ବାଚନ ଅନୁଷ୍ଠିତ ହେବ। ଚଳିତ ବର୍ଷ ନିର୍ବାଚନରେ ମୋଟ ୩୮୬ କର୍ମଚାରୀ ମତଦାନ କରିବେ। ନିର୍ବାଚନରେ ୩ ପ୍ରମୁଖ ଶ୍ରମିକ ସଙ୍ଗଠନ ନାଲ୍କୋ ବିଦ୍ୟୁତ୍ ମଜଦୁର ସଂଘ (ଏନ୍‌ଭିଏମ୍‌ଏସ୍), ନାଲ୍କୋ ଶ୍ରମିକ କଂଗ୍ରେସ ୟୁନିୟନ (ଆଇଏନ୍‌ଟିୟୁସି) ଓ ନାଲ୍କୋ ନନ୍ ଏକଜିକ୍ୟୁଟିଭ ଏମ୍ପ୍ଲୟିଜ ୟୁନିୟନ (ଏନ୍‌ଏନ୍‌ଇୟୁ) ଆଦି ପ୍ରମୁଖ ଭୂମିକା ଗ୍ରହଣ କରିବେ। ଚଳିତବର୍ଷ ସିପିପି ଏଫସିରେ ୨ଟି ସ୍ଥାନରେ ଭୋଟ ଗ୍ରହଣ କରାଯିବ। ବୁଥ ନମ୍ବର ୧ ପ୍ଲାଣ୍ଟ ଏଚ୍‌ଆର୍‌ଡି ସେଣ୍ଟରଠାରେ ୧୯୩ ଜଣ ଭୋଟର ଥିବାବେଳେ ବୁଥ ନମ୍ବର ୨ ଫାର୍ଷ୍ଟଡ ସେଣ୍ଟର ପାଖ ଭେହିକିଲ କଣ୍ଟ୍ରୋଲ ରୁମଠାରେ ୧୯୩ ଜଣ ଭୋଟର ମତଦାନ କରିବେ। ସକାଳ ୧୦ ଘଟିକାରୁ ଅପରାହ୍ଣ ୪ ଘଟିକା ପର୍ଯ୍ୟନ୍ତ ମତଦାନ ଚାଲୁ ରହିବ। ଭୋଟ ପରେ ସନ୍ଧ୍ୟା ୫ଟାରେ ଗଣତି ଆରମ୍ଭ ହୋଇ ବିଜୟୀ ସଙ୍ଗଠନ ନାମ ଘୋଷଣା କରାଯିବ। ଚଳିତବର୍ଷ ନିର୍ବାଚନକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଡେପୁଟି ଲେବର କମିଶନର ସେଣ୍ଟ୍ରାଲ ସମ୍ପତ କୁମାର ଦାୟିତ୍ୱ ଭାର ଗ୍ରହଣ କରିବେ। ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ବ୍ୟାପକ ପୋଲିସ ମୁତୟନ ରହିବେ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

# ତାଳଚେର ଥର୍ମାଲରେ ସ୍ୱଚ୍ଛତା ପକ୍ଷ ସମାପନ



ସ୍ୱଚ୍ଛତା ପକ୍ଷ ଉଦ୍‌ଯାପନ ଅବସରରେ ତାଳଚେର ଥର୍ମାଲର ଅଧିକାରୀମାନେ।

ତାଳଚେର,୩।୧୦(ମନୋଜ ନନ୍ଦ)

ଏନ୍‌ଟିପିସି ତାଳଚେର ଥର୍ମାଲ ପକ୍ଷରୁ ଗତ ୧୪ ତାରିଖରୁ ପାଳନ ହେଉଥିବା ସ୍ୱଚ୍ଛତା ପକ୍ଷ ଅକ୍ଟୋବର ୨ରେ ସମାପନ ହୋଇଛି। ଏହି ଅବସରରେ ତାଳଚେର ଥର୍ମାଲ ପକ୍ଷରୁ ଏକାଧିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସ୍ୱଚ୍ଛତା ଜାଗରଣ ପାଇଁ ସ୍ୱଚ୍ଛତା ସାମଗ୍ରୀ ବଣ୍ଟନ, ପଦଯାତ୍ରା, ସରକାରୀ ବିଦ୍ୟାଳୟରେ ସ୍ୱଚ୍ଛତାର ଗୁରୁତ୍ୱ ବିଷୟରେ ପ୍ରତିଯୋଗିତା ଏବଂ ନିକଟସ୍ଥ ବଜାର ଅଞ୍ଚଳରେ ନାଟକ ଆଦି ମାଧ୍ୟମରେ ସ୍ୱଚ୍ଛତାର ବାର୍ତ୍ତା ଦିଆଯାଇଥିଲା। ଏଥିସହିତ ସଫାଇ ମିତ୍ର ସୁରକ୍ଷା ଶିବିର ମଧ୍ୟ ଆୟୋଜନ କରାଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଅବସରରେ ତାଳଚେର ଥର୍ମାଲ ପରିଯୋଜନା ପ୍ରମୁଖ ଏବଂ ସିଜିଏମ୍ ବିଜୟ ଚାନ୍ଦ କହିଲେ, ସ୍ୱଚ୍ଛତା କେବଳ ଏକ ପ୍ରଚାର ନୁହେଁ, ବରଂ ଏହା ପ୍ରତ୍ୟେକ ଲୋକଙ୍କର ଦାୟିତ୍ୱ। ତାଳଚେର ଥର୍ମାଲରେ ସ୍ୱଚ୍ଛତା ଏବଂ ପରିବେଶ ସୁସ୍ଥତାକୁ ବଜାୟ ରଖିବା ପାଇଁ ପ୍ରତିବଦ୍ଧ। ସାମୂହିକ ପ୍ରୟାସ ମାଧ୍ୟମରେ ଏକ ସ୍ୱଚ୍ଛ, ସ୍ୱାସ୍ଥ୍ୟକର ଏବଂ ଅଧିକ ସୁସ୍ଥ ଭବିଷ୍ୟତ ତିଆରି କରିପାରିବା। ଏହି ଅବସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅଭିଯାନରେ କର୍ମଚାରୀ, ସେମାନଙ୍କ ପରିବାରବର୍ଗ ଏବଂ ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ।

# 'ୱାଇଲ୍ଡ ଲାଇଫ୍ ବଣ୍ଡ' ଏକ ଶୁଭ ଖବର



୭୦ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଅତିଥିଗଣ।

ଅନୁଗୋଳ,୩।୧୦(ମାନସ ବିଶ୍ୱାଳ)

ଅନୁଗୋଳ ଜୀବଜନ୍ତୁ କଲ୍ୟାଣ ପ୍ରତିଷ୍ଠାନ ପକ୍ଷରୁ କାର୍ଯ୍ୟାଳୟ ପରିସରରେ ୭୦ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ପ୍ରତିଷ୍ଠାନ ଅଧ୍ୟକ୍ଷ ରବୀନ୍ଦ୍ରନାଥ ପ୍ରଧାନ ଅଧ୍ୟକ୍ଷତା କରିବା ସହ ବନ୍ୟପ୍ରାଣୀଙ୍କ ସୁରକ୍ଷା ତଥା ସେମାନଙ୍କ ଆବାସସ୍ଥଳୀର ସଂରକ୍ଷଣ, ସଂଖ୍ୟା ବୃଦ୍ଧି ପାଇଁ ଜନସାଧାରଣଙ୍କୁ ସଚେତନ କରାଇବା ଏହି ସପ୍ତାହ ପାଳନର ଉଦ୍ଦେଶ୍ୟ ବୋଲି କହିଥିଲେ। ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଅଧିକ କଡ଼ାକଡ଼ି କରିବା ପାଇଁ ୱାର୍ଲ୍ଡ ବ୍ୟାଙ୍କ ତରଫରୁ ଏକ ୱାଇଲ୍ଡ ଲାଇଫ୍ ବଣ୍ଡ ପ୍ରଚଳନ କରାଯାଇଛି। ଏହା ବନ୍ୟପ୍ରାଣୀ ପ୍ରେମୀ ଓ ବିଭିନ୍ନ ରାଷ୍ଟ୍ର ପାଇଁ ଶୁଭ ଖବର। ଏଥିରେ ଅର୍ଥ ବିନିଯୋଗ କରି ବନ୍ୟପ୍ରାଣୀଙ୍କ ସଂରକ୍ଷଣରେ ବିଭିନ୍ନ ରାଷ୍ଟ୍ର ସହଯୋଗ କରିବା ଆବଶ୍ୟକତା ରହିଛି। ବନ୍ୟପ୍ରାଣୀଙ୍କ ଦ୍ୱାରା ଫସଲ ନଷ୍ଟ ହେଲେ, କୃଷକ ମୃତାହତ ହେଲେ ସରକାର ଅନୁକମ୍ପାମୂଳକ ସହାୟତାର ବ୍ୟବସ୍ଥା କରିବା ସହ ବନ୍ୟପ୍ରାଣୀଙ୍କ ଦ୍ୱାରା ଘର ଭାଙ୍ଗିଲେ ବିଜୁ ପକ୍କା ଘର ଯୋଜନାର ଅଗ୍ରାଧିକାର ଭିତରେ ଗୃହ ନିର୍ମାଣର ବ୍ୟବସ୍ଥା କରିଥିବା ଅଧ୍ୟକ୍ଷ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ଉଭୟ ସଂସ୍ଥାର ଏକ ଛୋଟ ପ୍ରୟାସ ଓ ଏଥିରେ ସଂସ୍ଥାର ସଦସ୍ୟମାନେ ଉପସ୍ଥିତ ଥିଲେ।

# ପାର୍ବତୀ ହିରୋର ପାର୍ବଣ ଋତୁ ଅଫର

ଅନୁଗୋଳ,୩।୧୦ (ଜ୍ୟୋତିରଞ୍ଜନ ସାହୁ)

ପାର୍ବତୀ ହିରୋ ଅନୁଗୋଳ ତରଫରୁ ଶାରଦୀୟ ଦୁର୍ଗାପୂଜା ଓ ନବରାତ୍ର ଉପଲକ୍ଷେ ବିଭିନ୍ନ ଅଫର ଗୁରୁବାର ଘୋଷଣା କରାଯାଇଛି। ପାର୍ବତୀ ମୋଟର୍ସ ସ୍ୱତ୍ୱାଧିକାରୀ ଅଶୋକ ମାଣ୍ଡୋଠିଆ ଏହି ଅବସରରେ ଉପସ୍ଥିତ ଥିଲେ। ପାର୍ବତୀ ହିରୋର ୨୫ ବର୍ଷ ପୂରଣ ଅବସରରେ ସମସ୍ତ ହିରୋ ଗାଡି ଉପରେ ୧୦୦୦ ଟଙ୍କା ଅଧିକ ରିହାତି ମିଳିବ ବୋଲି ଘୋଷଣା କରାଯାଇଛି। କମ୍ପାନୀ ତରଫରୁ ଗ୍ଲାମର ଗାଡି ଉପରେ ୫୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି, ଏଚ୍‌ଏଫ୍ ଡିଲକ୍ସ ଉପରେ ୨୫୦୦ ଟଙ୍କା ରିହାତି, ପ୍ଲେଜର ସ୍କୁଟର ଉପରେ ୨୫୦୦ ଟଙ୍କା ପର୍ଯ୍ୟନ୍ତ, ସ୍ପ୍ଲେଣ୍ଡର, ପ୍ୟାସନ, ଡେଷ୍ଟିନି ଆଦି ଗାଡ଼ି ଉପରେ ୧୦୦୦ ଟଙ୍କା ସ୍କ୍ରାଚ କାର୍ଡ ମାଧ୍ୟମରେ ନିଶ୍ଚିତ ଉପହାର ରହିଛି। ଏହି ଅଫର ଅକ୍ଟୋବର ୧୨ ତାରଖ ପର୍ଯ୍ୟନ୍ତ ରହିବ।



# ସ୍କ୍ରାଚ୍ ଆଣ୍ଡ ଉଇନ୍ ଅଫର ଶୁଭାରମ୍ଭ

## ଲକ୍ଷ୍ମୀ ହୋଣ୍ଡାରେ ପୂଜା ଅଫର

ଅନୁଗୋଳ,୩।୧୦ (ଜ୍ୟୋତିରଞ୍ଜନ ସାହୁ)



ଅନୁଗୋଳ ଲକ୍ଷ୍ମୀ ହୋଣ୍ଡାଠାରେ ସ୍କ୍ରାଚ ଆଣ୍ଡ ଉଇନ୍ ଅଫର୍‌ର ଶୁଭାରମ୍ଭ କରାଯାଉଛି।

ଅନୁଗୋଳ ଲକ୍ଷ୍ମୀ ହୋଣ୍ଡାଠାରେ ହୋଣ୍ଡା ମୋଟର ସାଇକେଲ ଓ ସ୍କୁଟର ଇଣ୍ଡିଆର ଅଧିକୃତ ବିକ୍ରେତାଙ୍କ ଦ୍ୱାରା ପବିତ୍ର ପୂଜା ଅବସରରେ ସ୍କ୍ରାଚ ଆଣ୍ଡ ଉଇନ୍ ପୂଜା ଅଫର ଶୁଭାରମ୍ଭ ହୋଇଯାଇଛି। ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ନିଖିଲ ପଟ୍ଟନାୟକଙ୍କ କର କମଳରେ ଏହି ସ୍କ୍ରାଚ ଆଣ୍ଡ ଉଇନ୍ ଅଫରର ଶୁଭାରମ୍ଭ କରାଯାଇଥିଲା। ଏହି ଅଫରରେ ଗ୍ରାହକମାନେ ହୋଣ୍ଡାର ଯେକୌଣସି ୨ ଚକିଆ ଗାଡ଼ି କିଣିଲେ ସେଥିରେ ନିଶ୍ଚିତ ଉପହାର ପାଇପାରିବେ। ଏହି ଅଫର ମଧ୍ୟରେ ମାଲେସିଆ ଟ୍ରିପ୍, ସ୍ମାର୍ଟ ଫୋନ, ଟ୍ରଲି ବ୍ୟାଗ, କଫି ସେଟ, ମାଇକ୍ରୋଓଭନ, ଇଲେକ୍ଟ୍ରିକ କପ୍, ବ୍ୟାଗ ପ୍ୟାକ ରହିଛି। ଏହାସହିତ ଗ୍ରାହକମାନେ ମାତ୍ର ୧୧୦୦ ଟଙ୍କା ଡାଉନପେମେଣ୍ଟରେ ହୋଣ୍ଡାର ଗାଡ଼ି ନେଇପାରିବେ। ଏହାସହିତ ଗ୍ରାହକମାନେ ନିଜର ପୁରୁଣା ଗାଡ଼ି ବଦଳାଇ ହୋଣ୍ଡାର ନୂତନ ଗାଡ଼ି କ୍ୟାଶ୍ କିମ୍ବା ଫାଇନାନ୍ସ ମାଧ୍ୟମରେ ନେଇପାରିବେ ଏବଂ ପୁରୁଣା ଗାଡି ଏକ୍ସଚେଞ୍ଜ କଲେ ୨୦୦୦ ଟଙ୍କାର ବୋନସ ସୁବିଧା ମଧ୍ୟ ପାଇପାରିବେ। ଏହି ଅବସରରେ ଲକ୍ଷ୍ମୀ ହୋଣ୍ଡା ସ୍ୱତ୍ୱାଧିକାରୀ ବିକ୍ରମ ଅଗ୍ରୱାଲ ସମସ୍ତଙ୍କୁ ପୂଜାର ଅଭିନନ୍ଦନ ଜଣାଇଥିଲେ ଏବଂ ଏହି ଅଫରର ଭରପୂର ଲାଭ ଉଠାଇବା ପାଇଁ ଅନୁରୋଧ କରିଥିଲେ। ବର୍ତ୍ତମାନ ସମସ୍ତ ପ୍ରକାର ମଡେଲ ଏବଂ ରଙ୍ଗର ଗାଡ଼ି ଲକ୍ଷ୍ମୀ ହୋଣ୍ଡାରେ ମହଜୁଦ ଅଛି। ତେଣୁ ପୂଜା ପୂର୍ବରୁ ଯଦି ଗ୍ରାହକମାନେ ବୁକିଂ କରନ୍ତି ତାହାଲେ ପୂଜା ସମୟରେ ସେମାନଙ୍କ ଗାଡ଼ି ଠିକ ସମୟରେ ପାଇପାରିବେ ବୋଲି ସ୍ୱତ୍ୱାଧିକାରୀ ଅଗ୍ରୱାଲ ପ୍ରକାଶ କରିଥିଲେ।

# ଡାକଘରର ୪୫ ତମ ପ୍ରତିଷ୍ଠା ଦିବସ

ଅନୁଗୋଳ, ୩।୧୦(ମାନସ ବିଶ୍ୱାଳ)

ଅନୁଗୋଳ ସହରସ୍ଥିତ ପ୍ରଧାନ ଡାକଘର ପ୍ରାଙ୍ଗଣରେ ଡାକଘରର ୪୫ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଡାକ ମଣ୍ଡଳର ଡାକ ଅଧୀକ୍ଷକ ଜଗଦୀଶ ଦାସ ଏବଂ ଅନୁଗୋଳର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ପୋଷ୍ଟ ଫୋରମ ସଦସ୍ୟ ସରୋଜ ପାଣିଗ୍ରାହୀ ଓ ଡାକ ଟିକଟ ସଂଗ୍ରହକାରୀ ତ୍ରେତାନନ୍ଦ ସାମନ୍ତ ଯୋଗଦେଇଥିଲେ। ପ୍ରଧାନ ଡାକଘର କର୍ମଚାରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଗୋଳ ମ୍ୟୁନିସିପାଲିଟିର ସ୍ୱଚ୍ଛତା କର୍ମଚାରୀ ଟିଙ୍କାରୁ ଗୋଛାୟତ ଏବଂ ଗୌତମ ମୁଖୀଙ୍କୁ ଡାକ ଅଧୀକ୍ଷକ ସମ୍ବର୍ଦ୍ଧିତ କରିଥିଲେ। ମମତା ପଣ୍ଡା, ସୁଜିତ କୁମାର ଦେହୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମ ଅବସରରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

# ବନ ବିଭାଗ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

- ବ୍ରହ୍ମପୁର ୧୦୬ ଓ ଅନୁଗୋଳକୁ ୯୨ ପଦକ
- ସୁଧୀର, ହରଧନଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ

ଅନୁଗୋଳ,୩।୧୦(ମାନସ ବିଶ୍ୱାଳ)

ଅନୁଗୋଳ ସହରସ୍ଥିତ ଫରେଷ୍ଟ ରେଞ୍ଜର୍ସ ଟ୍ରେନିଂ କଲେଜଠାରେ ଆୟୋଜିତ ରାଜ୍ୟସ୍ତରୀୟ ବନ ବିଭାଗ କ୍ରୀଡ଼ା ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସୁଧାଂଶୁ ଶେଖର ଖରା ଯୋଗଦେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ଫରେଷ୍ଟ ରେଞ୍ଜର୍ସ ଟ୍ରେନିଂ କଲେଜ ନିର୍ଦ୍ଦେଶକ ସଂଗ୍ରାମ କେଶରୀ ବେହେରା ଓ ଅନୁଗୋଳ ବନଖଣ୍ଡ ଅଧିକାରୀ ନୀତୀଶ କୁମାର ଏବଂ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

ଏହି ପ୍ରତିଯୋଗିତାରେ ଅନୁଗୋଳ, ବ୍ରହ୍ମପୁର, ନବରଙ୍ଗପୁର ଓ ସମ୍ବଲପୁର ଜୋନ୍‌ର ୩୭୭ (୨୬୨ ପୁରୁଷ ଓ ୧୧୫ ମହିଳା) ପ୍ରତିଯୋଗୀ ୩୯ଗୋଟି ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀମାନଙ୍କୁ ମୋଟ ୩୭୫ (୧୪୧ ସ୍ୱର୍ଣ୍ଣ, ୧୩୫ ରୌପ୍ୟ ଓ ୯୯ ବ୍ରୋଞ୍ଜ) ପଦକ ପ୍ରଦାନ କରାଯାଇଥିଲା। ସେଥିମଧ୍ୟରୁ ଅନୁଗୋଳ ୯୨ଟି, ବ୍ରହ୍ମପୁର ୧୦୬, ନବରଙ୍ଗପୁର ୮୯ ଏବଂ ସମ୍ବଲପୁର ଜୋନର ପ୍ରତିଯୋଗୀ ୮୮ ପଦକ ହାସଲ କରିଛନ୍ତି। ଶ୍ରେଷ୍ଠ ପ୍ରଦର୍ଶନ ନିମନ୍ତେ ପୁରୁଷ କନିଷ୍ଠ ବିଭାଗରେ ସନ୍ତୋଷ କୁମାର ପତି, ବରିଷ୍ଠ ବିଭାଗରେ ହରଧନ ଭୋଇ ଏବଂ ମହିଳା କନିଷ୍ଠ ବିଭାଗରେ ବବିତା ନାୟକ ଓ ବରିଷ୍ଠ ବିଭାଗରେ ସୂର୍ଯ୍ୟକାନ୍ତି ବେହେରାଙ୍କୁ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଇଥିଲା। ସୁଧୀର ତ୍ରିପାଠୀ ଓ ହରଧନ ଭୋଇଙ୍କୁ ପ୍ରତିଯୋଗିତା ଗୁଡିକରେ ବିଶେଷ ଅବଦାନ ନିମନ୍ତେ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଥିଲା। ବନ ବିଭାଗର କର୍ମଚାରୀମାନେ ସହଯୋଗ କରିଥିଲେ।


ରାଜ୍ୟସ୍ତରୀୟ ବନ ବିଭାଗ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପନୀ ମଞ୍ଚରେ ଅତିଥିମାନେ।

# ଲୋକଙ୍କ ପାଖକୁ ଯିବ ପୋଲିସ

## ଦାୟିତ୍ୱ ନେଲେ ନୂତନ ଏସ୍‌ପି ରାହୁଲ ଜୈନ

ଅନୁଗୋଳ,୩।୧୦ (ଜ୍ୟୋତିରଞ୍ଜନ ସାହୁ)/(ମାନସ ବିଶ୍ୱାଳ)

ବରିଷ୍ଠ ଆଇପିଏସ୍ ଅଧିକାରୀ ରାହୁଲ ଜୈନ ଗୁରୁବାର ଅନୁଗୋଳ ଏସ୍‌ପି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବରିଷ୍ଠ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ନୂତନ ଏସ୍‌ପିଙ୍କୁ ଅନୁଗୋଳ ଏସ୍‌ପିଙ୍କ କାର୍ଯ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ନୂଆ ଏସ୍‌ପି ଜିଲାର ବରିଷ୍ଠ ପୋଲିସ ଅଧିକାରୀ, ସମସ୍ତ ଥାନା ଅଧିକାରୀଙ୍କ ସହ ବୈଠକ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ଅବସରରେ ନୂତନ ଏସ୍‌ପି ଜୈନ କହିଛନ୍ତି, ଅନୁଗୋଳ ତାଙ୍କ ପାଇଁ ପୁରଣା ସହର। ଦେବଗଡ଼ ଜିଲାରେ କାର୍ଯ୍ୟ କରୁଥିବା ବେଳେ ଅଧିକାଂଶ ସମୟ ଅନୁଗୋଳ ବୁଲିବାକୁ ଆସିଛନ୍ତି। ଏବେ ଅନୁଗୋଳ ପାଇଁ କାମ କରିବା ସୁଯୋଗ ପାଇଛନ୍ତି। କାର୍ଯ୍ୟରେ ଯୋଗଦେବା ପୂର୍ବରୁ ପ୍ରଥମେ ମା' ବୁଢ଼ୀ ଠାକୁରାଣୀଙ୍କ ମନ୍ଦିରକୁ ଯାଇ ଦର୍ଶନ କରିଛନ୍ତି। ପୋଲିସ ଓ ଲୋକଙ୍କ ମଧ୍ୟରେ ଦୂରତା କମ୍ କରିବା ପାଇଁ ଚେଷ୍ଟା କରାଯିବ।

ଅନୁଗୋଳ ଜିଲା ଶିଳ୍ପର ହବ୍ ହେବାକୁ ବସିଥିଲା ବେଳେ ଏହି ସଂକ୍ରାନ୍ତୀୟ ନୂଆ ନୂଆ ଅପରାଧ ହେଉଛି। ଏହା ଉପରେ ରୋକ୍ ଲଗାଇବାକୁ ନୂଆ କୌଶଳ ଆପଣେଇବାକୁ ପଡ଼ିବ। ଏଥିସହ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ପ୍ରତି ଧ୍ୟାନ ଦିଆଯିବ। ଅନେକ ସମୟରେ ଲୋକମାନେ ପୋଲିସ ପାଖକୁ ଯାଇପାରିନଥାନ୍ତି, ଏବେ ପୋଲିସ ଲୋକଙ୍କ ପାଖକୁ ଯିବ। ଥାନାରେ ଲୋକଙ୍କୁ ଯେମିତି ଉତ୍ତମ ବ୍ୟବହାର ମିଳିବ, ଲୋକଙ୍କ ପାଇଁ ଓ ଲୋକଙ୍କ ସହ ମିଶି ପୋଲିସ ଅପରାଧୀଙ୍କୁ ଦମନ କରିବ। ଆମ ପୋଲିସ ସମିତି ବହୁତ ଦିନ ହେବ ଆୟୋଜନ ହୋଇପାରିନାହିଁ। ଏବେ ଜିଲାର ୨୬ଟି ଯାକ ପୋଲିସ ଥାନାରେ ଖୁବ୍‌ଶୀଘ୍ର ଏହା ଆୟୋଜନ କରାଯାଇ ଲୋକଙ୍କୁ ଡାକି ସମସ୍ୟା ଶୁଣାଯିବ। ଦୁର୍ଗା ପୂଜା ଓ ଲକ୍ଷ୍ମୀ ପୂଜା ପାଖେଇ ଆସୁଥିବାରୁ ଶାନ୍ତିପୂର୍ଣ୍ଣ ତଥା ସଫଳ ଭାବେ ପାଳନ କରିବା ଉପରେ ଗୁରୁତ୍ୱାରୋପ କରାଯାଉଛି।


ଜିଲାର ପୋଲିସ ଅଧିକାରୀମାନଙ୍କ ସହ ପରିଚିତ ହେଉଛନ୍ତି ନୂଆ ଏସ୍‌ପି ରାହୁଲ ଜୈନ।

ପୂଜା ସମୟରେ ସର୍ବୋତ୍ତମ ସୁରକ୍ଷା ଯୋଗାଇବା ପାଇଁ ପୋଲିସ ନିଜ କର୍ତ୍ତବ୍ୟ ଠିକ୍ ଭାବରେ ପାଳନ କରିବ। ଟ୍ରାଫିକ ସମସ୍ୟା ଦୂର ପାଇଁ ଏକ ଉଚ୍ଚସ୍ତରୀୟ ବୈଠକ ବସିବ। ଏଥିରେ ବିଭିନ୍ନ ଅଂଶୀଦାରଙ୍କୁ ସାମିଲ କରି ଏକ ଦୀର୍ଘମିଆଦି ଯୋଜନା ପ୍ରସ୍ତୁତ ହେବ। ଜନ ଗହଳି ଜାଗାଗୁଡିକରେ ପୋଲିସ ପକ୍ଷରୁ ଚାଲିକରି ପାଟ୍ରୋଲିଂ କରାଯିବ। ସମୟ ମିଳିଲେ ନିଜେ ମଧ୍ୟ ସେଠାକୁ ଯିବେ। ଜିଲାରେ ଡ୍ରଗ୍ସ କାରବାର ବଢିଥିବା ଖବର ଆସିଥିବାରୁ ତାହାକୁ ନିୟନ୍ତ୍ରଣ କରିବା ପାଇଁ ଜିଲାର ପ୍ରବେଶ ସ୍ଥାନଗୁଡିକରେ ଜୋରଦାର ଚେକିଂ କରାଯିବ। ଅସାମାଜିକ କାର୍ଯ୍ୟକଳାପ ଉପରେ ନଜର ରଖାଯିବ। ପୂର୍ବରୁ ଅପରାଧୀଙ୍କ ଅପରାଧର ଡାଟାବେସ୍ ତିଆରି କରି ରଖାଯିବ, ଫଳରେ ସେମାନଙ୍କୁ ଧରିବାକୁ ସୁବିଧା ହେବ। ଜିଲାରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ବଢିବାରେ ଲାଗିଥିବାରୁ ବ୍ଲାକ ସ୍ପଟ ଚିହ୍ନଟ କରି ସଚେତନ କରାଯିବ। ତେବେ ସର୍ବୋଚ୍ଚ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବାକୁ ସାଧାରଣ ନାଗରିକ ଏବଂ ବୁଦ୍ଧିଜୀବୀଙ୍କ ସହଯୋଗ ଜରୁରୀ ବୋଲି ନୂଆ ଏସ୍‌ପି ଜୈନ ପ୍ରକାଶ କରିଥିଲେ।

